ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.222 Bhubaneswar Thursday October 12 2023 | ୨୬ତମ ବର୍ଷ ସଂଖ୍ୟା-୨୨୨ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଘରଠାରୁ ୨୦୦ ମିଟର ଦୂରରେ ବିଜେଡ଼ି ଜନସମ୍ପର୍କ ପଦଯାତ୍ରା, ମିଳିଲାନି ବିଧାୟକଙ୍କ ଦେଖା

ଭୁବନେଶ୍ୱର,୧୧।୧୦(ପି.ଏନ): ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ହୋଇଥିଲା ଜନସମ୍ପର୍କ ପଦଯାତ୍ରା। ହେଲେ ବିଜେଡି ବିଧାୟକଙ୍କୁ ଦେଖିବାକୁ ମିଳିନଥିଲା। ବିଧାୟକ ନା ପଦଯାତ୍ରାରେ ସାମିଲ ହୋଇଥିଲେ ନା ସଭାରେ ଯୋଗଦେଲେ। ଜନସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ବାଲେଶ୍ୱର ରାଜନୀତିରେ ନାନା କଳ୍ପନାଜଳ୍ପନା ଲାଗି ରହିଛି। ୨୦୨୪ ନିର୍ବାଚନରେ ବିଧାୟକଙ୍କ ଟିକଟ କଟିବ କି ? ବସ୍ତା ନିର୍ବାଚନମଣ୍ଡଳୀରେ ଆଜି ହୋଇଥିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା। ଦରଡା ଛକଠାରୁ ପଦଯାତ୍ରା ବାହାରି ମୁକୁଳିଶି ଚ଼ନ୍ଦନ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ପରେ ସେଠାରେ ହୋଇଥିଲା ଜନ ସମାବେଶ। ସେହି




ସମାବେଶରେ ବ୍ଲକ୍ ବିଜେଡି ସଭାପତି ଅନୀଲ୍ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ପ୍ରତାପ ଦେବ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏବଂ ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଭା ନେତ୍ରୀ ସୁବାସିନୀ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଭୁବନେଶ୍ୱରରେ ଲୁଟର ନୂଆ ତରିକା: ସମଲିଙ୍ଗୀ ଯୌନ ସମ୍ପର୍କ ମାଧ୍ୟମରେ ବ୍ଲାକମେଲିଂ କରି ଲୁଟୁଛନ୍ତି ନାବାଳକ ଗ୍ୟାଙ୍ଗ୍

ଭୁବନେଶ୍ୱର,୧୧।୧୦(ପି.ଏନ): ରାଜଧାନୀରେ ଅଭିନବ ଉପାୟରେ ଦୁଇ ଯୁବକଙ୍କୁ ଲୁଟିଛନ୍ତି ଲୁଟେରା । ସମଲିଙ୍ଗୀ ଯୌନ ସମ୍ପର୍କ ରଖିବା ଓ ପରେ ଭିଡିଓ ଭାଇରାଲ କରିବାର ଧମକ ଦେଇ ଯୁବକଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ ଲୁଟେରା । ସମଲିଙ୍ଗୀ ଯୁବକ ମାନଙ୍କୁ ଲୁଟିବା ପାଇଁ ପ୍ରସ୍ତୁତ କରାଯାଇଥିଲା ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ । ଲିଙ୍ଗରାଜ ଥାନାରେ ଅଭିଯୋଗ ହେବା ପରେ ୪ ଜଣ ନାବାଳକ ଓ ଜଣେ ସାବାଳକ । ଗେମ ଆପ୍ଲିକେସନ ରେ ଆସୁଥିବା ଅଶ୍ଳୀଳ ସେକ୍ସ ଆପ୍ଲିକେସନ ରେ ଚ୍ୟାଟିଂ ମାଧ୍ୟମରେ ଟାର୍ଗେଟ ଖୋଜୁଥିଲେ ଏହି ନାବାଳକ । ବିଭିନ୍ନ ଯୁବକଙ୍କ ସହ ଚ୍ୟାଟିଂ କରି କିଏ ସମଲିଙ୍ଗୀ ଯୌନ ସମ୍ପର୍କ ରଖିବାକୁ ଇଚ୍ଛୁକ ତାର ପତା ଲଗାଉଥିଲେ । ପ୍ରଥମେ ଚ୍ୟାଟିଂ କରି ସମ୍ପର୍କ ବଢ଼ାଉଥିଲେ ଓ ପରେ ନମ୍ବର ନେଇ ଭୁବନେଶ୍ୱର ଗ୍ୟାରେଜ ଚ଼କକୁ ଡାକିଥିଲେ ଖୋର୍ଦ୍ଧା ର ଜଣେ ଲୋକକୁ।

## ଗତି ହିଁ ଶକ୍ତି : ସ୍କୁଟର ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୧।୧୦(ପି.ଏନ): ଲୋକସେବା ଭବନରେ ମିଶନଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଯୋଜନାରେ ୧୫ ହଜାର ମାଆଙ୍କୁ ସ୍କୁଟର ପ୍ରଦାନ କରାଯାଇଛି । ଏହି ଅବସରରେ ରାଜ୍ୟବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି 'ଗତି ହିଁ ଶକ୍ତି' । ସ୍କୁଟର ଯୋଜନା ମାଆଙ୍କ ଗତିକୁ ଶକ୍ତିଶାଳୀ କରିବ । ଓଡ଼ିଶା ପାଇଁ ମାଆମାନେ ଆଣିଛନ୍ତି ନୂଆ ଗତି, ଶକ୍ତି ଓ ପ୍ରଗତୀ । ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମହିଳା ସଶକ୍ତିକରଣରେ ଆଜିର ଦିନ ଗୁରୁତ୍ୱପୂର୍ଣ୍ଣ । ମାଆମାନେ ଭଲ କାମ କରୁଛନ୍ତି । ୧୫ ହଜାର ମାଆଙ୍କୁ ସ୍କୁଟର ଦିଆଯାଇଛି । ଆଗାମୀ ଦିନରେ ୨ ଲକ୍ଷ ମାଆ ସ୍କୁଟର ପାଇବେ ।' ମିଶନଶକ୍ତି ସ୍କୁଟର ଯୋଜନାରେ ୫୨୮ କୋଟି ଟଙ୍କାର ସୁଧ ଋଣ ଛାଡ ହେବ। ଏହି ଯୋଜନା ଅଧିନରେ



ସ୍କୁଟର କ୍ରୟ ପାଇଁ ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ରିହାତି ପ୍ରସ୍ତାବ ଦିଆଯାଇଛି । ଦକ୍ଷତା ବୃଦ୍ଧି ତାଲିମ, ଜୀବିକା ପ୍ରୋତ୍ସାହନ ଏବଂ ବଜାର ସଂଯୋଗୀକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇ ଦେଉଛନ୍ତି । ରାଜ୍ୟରେ ମହିଳା ସଶକ୍ତିକରଣ ଦିଗରେ ସେମାନଙ୍କର ଅବଦାନକୁ ସୀକୃତି ଦେବା ସହ ସେମାନଙ୍କୁ ନିଜ କାର୍ଯ୍ୟ ତୁଲାଇବାକୁ ଆହୁରି ସୁଗମ କରିବା ପାଇଁ ରାଜ୍ୟ ସରକାର ସ୍କୁଟର କିଣିବା ଉପରେ ଋଣର ସୁଦ୍ଧ ଛାଡ଼ ଘୋଷଣା କରାଯାଇଛି । ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବ । ଏଥିପାଇଁ ଚ଼ଳିତ ଆର୍ଥିକ ବର୍ଷରେ ୫୦ କୋଟି ଟଙ୍କାର ବଜେଟ ଆବଣ୍ଟନ ପ୍ରସ୍ତାବ ରଖାଯାଇଛି । ମିଶନ ଶକ୍ତି ମା'ଙ୍କୁ ଗତବର୍ଷ ୧୧ ହଜାର କୋଟି ଟଙ୍କାର ଋଣ ଦିଆଯାଇଛି । ୨୫୦ କୋଟିରୁ ଅଧିକ ଟଙ୍କାର ସୁଧ ପ୍ରଦାନ କରାଯାଇଛି ।

## ଆଶ୍ଚର୍ଯ୍ୟଜନକ ଘଟଣା! ଭୁବନେଶ୍ୱର ରାଜରାସ୍ତାରେ ଉଡିଲା ୧୦୦, ୨୦୦ ଓ ୫୦୦ ଟଙ୍କିଆ ନୋଟ୍

ଭୁବନେଶ୍ୱର,୧୧।୧୦(ପି.ଏନ): ଅନେକ ସମୟର ଆମର ଆଖପାଖରୁ ଏଭଳି କିଛି ଘଟଣା ଶୁଣିବାକୁ ମିଳିଥାଏ, ଯାହାକୁ ନିଜ ଆଖିରେ ନ ଦେଖିବା ପର୍ଯ୍ୟନ୍ତ କେହି ସହଜରେ ବିଶ୍ୱାସ କରନ୍ତି ନାହିଁ । ତେବେ ଏହା ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି ଏକ ଆଶ୍ଚର୍ଯ୍ୟଜନକ ଘଟଣା । ରାଜଧାନୀର ରାଜରାସ୍ତାରେ ନୋଟ୍ ଉଡିଥିବା ଦେଖିବାକୁ ମିଳିଛି ।ସୂଚ଼ନା ମୁତାବକ, ରାଜଧାନୀ ଭୁବନେଶ୍ୱରର ରାଜରାସ୍ତାରେ ନୋଟ୍ ଉଡିଥିବା ଦେଖିବାକୁ ମିଳିଛି । ୧୦୦, ୨୦୦ ଓ ୫୦୦ ଟଙ୍କିଆ ନୋଟକୁ କିଛି ଲୋକ ଉଡାଇଥିବା ଖବର ସାମ୍ନାକୁ ଆସିଛି । ଏହି କଥାଟି ପ୍ରଥମେ ଶୁଣିବା ପରେ ଅଧିକାଂଶ ଲୋକ ଚ଼କିତ ହୋଇଯାଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଘଟଣା ପଛର ପ୍ରକୃତ ତଥ୍ୟ ସାମ୍ନାକୁ ଆସିଥିଲା ।ପ୍ରକୃତରେ ଚ଼ିରାଫଟ ୫୦୦, ୨୦୦ ଓ ୧୦୦ ଟଙ୍କିଆ ନୋଟ୍ ଉଡିଥିବା ଜଣାପଡିଛି ।

## ବିଲେଇ ଉଦ୍ଧାର ପାଇଁ ଜଣେ ପରେ ଜଣେ ୩ ଜଣ କୂଅକୁ ଡେଇଁଥିଲେ; ହେଲେ ଚ଼ାଲିଗଲା ଜଣଙ୍କ ଜୀବନ



ଭୁବନେଶ୍ୱର,୧୧।୧୦(ପି.ଏନ): ବିଲେଇକୁ ଉଦ୍ଧାର ପାଇଁ ଜଣେ ପରେ ଜଣେ ୩ ଜଣ କୂଅକୁ ଡେଇଁଥିଲେ। ହେଲେ କୂଅ ଭିତରେ ଚ଼ାଲିଗଲା ଜଣକ ଜୀବନ। ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇଛି। ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଆଜି ଅପରାହ୍ଣରେ ଏପରି ହୃଦୟବିଦାରକ ଘଟଣା ଘଟିଛି। ମୃତକଙ୍କ ଘର ଗଞ୍ଜାମ ଜିଲ୍ଲାରେ। ସେ ଜଣେ ଆଇସକ୍ରିମ୍ ବେପାରୀ। ପଟିଆ ଷ୍ଟେସନ ନିକଟରେ ଗୋଟିଏ ବିଲେଇ କୂଅ ଭିତରେ ପଡି ଯାଇଥିଲା। ଏହା ଦେଖି ଘର ମାଲିକ ବିଲେଇକୁ ବାଲ୍ ?ତି ଓ ରଶି ମାଧ୍ୟମରେ କୂଅରୁ ଉଦ୍ଧାର କରୁଥିଲୁ। ଠିକ୍ ? ସେହି ସମୟରେ ମଲେଇ ବ୍ୟବସାୟ କରୁଥିବା ଗଞ୍ଜାର ଅଞ୍ଚଳର ଶିବରାମ ସାହୁ ବିଲେଇକୁ ଉଦ୍ଧାର କରିଦେବେ ବୋଲି କହିଥିଲେ। ଏହା ପରେ ସେ ପାଇଁ କୂଆ ଭିତରକୁ ଲମ୍ଫ ମରିଥିଲେ। ହେଲେ ଦୀର୍ଘ ସମୟ ଧରି କୂଅରୁ ବାହାରିନଥିଲେ। ଏପରିକି ଡାକିଥିଲେ ମଧ୍ୟ ଶୁଣିନଥିଲେ। ଶିବରାମଙ୍କୁ ଉଦ୍ଧାର କରିବା ପାଇଁ ଶଙ୍କର ଦାସ ନାମକ ଜଣେ ଯୁବକ କୂଅ ଭିତରକୁ ଯାଇଥିଲେ। ହେଲେ ସେ ମଧ୍ୟ ବାହାରି ପାରିନଥିଲେ। ତା'ପରେ ଶିବରାମଙ୍କ ବଡ ଭାଇ ଭଜରାମ ସାହୁ କୂଅ ଭିତରକୁ ଯାଇଥିଲେ। ଦୀର୍ଘ ସମୟ ଧରି ପାଣି ଭିତରେ ସାନ ଭାଇକୁ ଖୋଜିଥିଲେ। ମାତ୍ର ପାଇନଥିଲେ।

## ହସ୍ପିଟାଲ ପାଲଟିଲା ରଣକ୍ଷେତ୍ର : ଜମି ବିବାଦକୁ ନେଇ ଖଣ୍ଡଯୁଦ୍ଧ

ଭଦ୍ରକ,୧୧।୧୦(ପି.ଏନ) : ଝିମିଟି ଖେଳରୁ ମହାଭାରତ । ଠିକ ଏଭଳି ଭଦ୍ରକରେ ଏକ ଅଭାବନୀୟ ଘଟଣା ଘଟିଛି । ଭଦ୍ରକର ମୁଖ୍ୟ ହସ୍ପିଟାଲରେ ହେଲା ଖଣ୍ଡଯୁଦ୍ଧ । ମେଡିକାଲ ପାଲଟିଲା ଯୁଦ୍ଧର ମଇଦାନ । ଜମି ବିଦକୁ ନେଇ ଭଦ୍ରକ ଜିଲ୍ଲାର ମୁଖ୍ୟ ହସ୍ପିଟାଲ ପରିସରରେ ଖଣ୍ଡଯୁଦ୍ଧ ହୋଇଛି । ଉଭୟ ଗୋଷ୍ଠୀ ମଧ୍ୟରେ ପିଟାପିଟି ହେବା ସହ ପୋଲିସକୁ ମଧ୍ୟ ଆକ୍ରମଣ କରିଛନ୍ତି ।ଭଦ୍ରକର ବନ୍ତ ଛକରେ ଜମି ବିବାଦକୁ ନେଇ ଜଣେ ଯୁବକଙ୍କୁ ଛୁରାମାଡ ହୋଇଥିଲା । ତେବେ ଗୁରୁତରକୁ ହସ୍ପିଟାଲ ଆଣିବା ପାରେ ଉଭୟ ଗୋଷ୍ଠୀ ମଧ୍ୟରେ ପୁଣି ପିଟାପିଟି ହୋଇଥିଲେ । ସୂଚ଼ନାଯୋଗ୍ୟ ଯେ, ଘଟଣାସ୍ଥଳକୁ



ଆସିଥିବା ଭଦ୍ରକ ଟାଉନ ଥାନା ଆଇଆଇସି ଓ ସିଟି ଡିଏସପି ବି ଏହି ଆକ୍ରମଣରୁ ବର୍ତ୍ତି ପାରିଲେନି । ସେଠାରେ ଘଟଣାକୁ କାବୁ କରିବା ପାଇଁ ପୋଲିସ ଲାଠିଚ଼ାର୍ଜ କରିଥିଲା ।ଏହି ଘଟଣାରେ ୩ଜଣ ଆହତ ହୋଇଥିବା ବେଳେ ଛୁରାମାଡରେ ଗୁରୁତର ହୋଇଥିବା ଯୁବକଙ୍କୁ ଡାକ୍ତର କଟକ ହସ୍ପିଟାଲକୁ ସ୍ଥାନାନ୍ତର କରିଛି । ଏହି ଘଟଣା ସମ୍ପର୍କିତ ୨ଜଣକୁ ଅଟକ ରଖି ପୋଲିସ ପଚ଼ରାଉଚ଼ରା କରୁଛି ।

## ଷ୍ଟାନଫୋର୍ଡର ୨୦୨୩' ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ' ତାଲିକାରେ ପ୍ରଫେସର ଚ଼ନ୍ଦନା ମହାନ୍ତି

ଭୁବନେଶ୍ୱର ,୧୧।୧୦(ପି.ଏନ୍) : ଏକ ଉଲ୍ଲେଖନୀୟ ସଫଳତା କ୍ରମେ କିଟ୍ ୟୁନିଭରସିଟି ଅଫ୍ ଆପ୍ଲାଏଡ୍ ସାଇନ୍ସ ବିଭାଗର ଜୀବ ବିଜ୍ଞାନ ବିଭାଗର ପ୍ରଫେସର ଚ଼ନ୍ଦନା ମହାନ୍ତି ବିଶ୍ୱର ବୈଜ୍ଞାନିକମାନଙ୍କ ମଧ୍ୟରେ ନିଜର ସ୍ଥାନ ହାସଲ କରି ଅନୁଷ୍ଠାନ ସହ ଓଡ଼ିଶାକୁ ଗୌରବାନିତ୍ୱ କରିଛନ୍ତି। ଷ୍ଟାନଫୋର୍ଡ ୟୁନିଭରସିଟି ତାଙ୍କୁ ୨୦୨୩ ବର୍ଷ ପାଇଁ 'ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ' ମଧ୍ୟରେ ଅନ୍ୟତମ ଭାବେ ମାନ୍ୟତା ଦେଇଛି । ଷ୍ଟାନଫୋର୍ଡ ୟୁନିଭରସିଟି ଦ୍ୱାରା ସଂକଳିତ ଏହି ସମ୍ମାନଜନକ ତାଲିକାରେ ୮ ମିଲିୟନରୁ ଅଧିକ ବୈଜ୍ଞାନିକଙ୍କ ମଧ୍ୟରୁ ୧.୮୫ ଲକ୍ଷରୁ ଅଧିକ ଗବେଷକ ଅନ୍ତର୍ଭୁକ୍ତ ଥିଲେ। ଏଥିରେ ୨୨ ଟି ବୈଜ୍ଞାନିକ କ୍ଷେତ୍ର ଏବଂ ୧୭୬ ଟି ଉପକ୍ଷେତ୍ର ଅନ୍ତର୍ଭୁକ୍ତ ଯାହାକି ବିଶ୍ୱସ୍ତରୀୟ ବୈଜ୍ଞାନିକ ଉତ୍କର୍ଷତାର ଏକ ବିସ୍ତୃତ ପ୍ରତିନିଧିତ୍ୱ କରିଥାଏ । ଏହି ସ୍ୱତନ୍ତ୍ର ତାଲିକାରେ ଅନ୍ତର୍ଭୁକ୍ତ କରିବାର ମାନଦଣ୍ଡ ଏକାଡେମିକ୍ ବୈଜ୍ଞାନିକ ସଫଳତା ଉପରେ ଆଧାରିତ, ସ୍କ ?ପସ୍ ଏଲସେଭିଆର ଡାଟା ବ୍ୟବହାର କରି ବିବଲିଓମେଟ୍ରିକ୍ ଇଣ୍ଡେକ୍ସ ଦ୍ୱାରା ମୂଲ୍ୟାଙ୍କନ କରାଯାଇଛି






। ଏହି ସମ୍ମାନଜନକ ଗୋଷ୍ଠୀରେ ପ୍ରଫେସର ଚ଼ନ୍ଦନା ମହାନ୍ତିଙ୍କ ଅନ୍ତର୍ଭୁକ୍ତତା ବୈଜ୍ଞାନିକ ସମ୍ପ୍ରଦାୟରେ ତାଙ୍କର ଉଲ୍ଲେଖନୀୟ ଅବଦାନର ପ୍ରମାଣ ଦେଇଛି। ଏହି ପ୍ରଶଂସା ପାଇଁ ବିବେଚ଼ନା କରାଯାଉଥିବା ମୂଲ୍ୟାଙ୍କନ ମାନଦଣ୍ଡ ଗୁଡ଼ିକରେ ସ୍କ ?ପସ୍ ଏଚ୍ ଇଣ୍ଡେକ୍ସ, ପ୍ରଭାବ ଫ୍ୟାକ୍ଟର୍, ସାଇଟେସନ୍, ପେଟେଣ୍ଟ ଏବଂ ପେଟେଣ୍ଟ ଗୁଡିକର ବ୍ୟବସାୟିକୀକରଣ ଅନ୍ତର୍ଭୁକ୍ତ । ପ୍ରଫେସର ମହାନ୍ତିଙ୍କ ଏହି ସମ୍ମାନଜନକ ପଦବୀ ତାଙ୍କର ଉତ୍ସର୍ଗୀକୃତତା ଏବଂ ପାରଦର୍ଶୀତାର ପ୍ରତିଫଳନ । ଉତ୍କର୍ଷତା ପ୍ରତି ତାଙ୍କର ନିରନ୍ତର ପ୍ରତିବଦ୍ଧତା ତାଙ୍କୁ କେବଳ ବିଶ୍ୱର ବୈଜ୍ଞାନିକମାନଙ୍କ ମଧ୍ୟରେ ସ୍ଥାନ ଦେଇନାହିଁ ବରଂ ତାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ଉତ୍ସ କରିପାରିଛି । ସେ ହେଉଛନ୍ତି ପ୍ରଖ୍ୟାତ ସର୍ଜନ ଡକ୍ଟର ଭଗବାନ୍ ମହାନ୍ତି, ଶ୍ରୀମତୀ ବସନ୍ତ ମଞ୍ଜରୀ ମହାନ୍ତିଙ୍କ କନ୍ୟା ଏବଂ ଆୟକର ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅନିଲ ପ୍ରଧାନଙ୍କ ଧର୍ମପତ୍ନୀ। ତାଙ୍କର ଉଲ୍ଲେଖନୀୟ ଯାତ୍ରା ଏବଂ ସଫଳତା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। କିଟ୍ ଓ କିସ୍ ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତା ସାମନ୍ତ, ପ୍ରଫେସର ମହାନ୍ତି ଏବଂ କିଟ୍ ପରିବାରର ୧୯ ଜଣ ସଦସ୍ୟଙ୍କ ଉଲ୍ଲେଖନୀୟ ସଫଳତାରେ ସନ୍ତୋଷ ବ୍ୟକ୍ତ କରି ୨୦୨୩ ପାଇଁ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର 'ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ' ତାଲିକାରେ ସ୍ଥାନ ପାଇଥିବ ଗବେଷକଙ୍କ ଉଜ୍ଜ୍ୱଳ କାମନା କରିଛନ୍ତି। କ୍ରମାଗତ ତୃତୀୟ ବର୍ଷ ପାଇଁ ପ୍ରଫେସର ମହାନ୍ତି ଏହି ସମ୍ମାନଜନକ ମାନ୍ୟତା ହାସଲ କରି ବିଶ୍ୱ ବୈଜ୍ଞାନିକ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟକ୍ତି ଭାବରେ ତାଙ୍କର ସ୍ଥିତିକୁ ଦୃଢୀଭୂତ କରିପାରିଛନ୍ତି। ପ୍ରଫେସର ଚ଼ନ୍ଦନା ମହାନ୍ତିଙ୍କ ଉଲ୍ଲେଖନୀୟ ସଫଳତା କେବଳ ତାଙ୍କର ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ ବରଂ କିଟ୍ ବିଶ୍ୱବିଦ୍ୟାଳୟର ଉତ୍କର୍ଷତା ପାଇଁ ଏକ ପ୍ରମାଣ ହୋଇ ରହିବ। ତାଙ୍କର ଅବିରତ ସଫଳତା, ଅତୁଳନୀୟ ପ୍ରତିଭା ଏବଂ ବିଶ୍ୱ ବିଜ୍ଞାନ ଅଗ୍ରଗତିରେ ଯୋଗଦାନ କିଟ୍ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

## ରଣପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ

ରଣପୁର,୧୧।୧୦(ପି.ଏନ): ରଣପୁର ବ୍ଲକ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ ଓଡିଶା ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ ନେତୃତ୍ୱରେ ପଦଯାତ୍ରା ଆରମ୍ଭ ହୋଇଥିଲା ।ଏହି ପଦଯାତ୍ରାରେ ସତ୍ୟବ୍ରତ ନାୟକ ଓଡିଶାବିଜେଡି ଓ ବଜେପି ସରକାରଙ୍କ ର ପ୍ରତିଶୃତି ଓ ପ୍ରତାରଣର ଶିକାର ହୋଇଥିବା କୃଷକ,ବେକାରୀ ଯୁବକଯୁବତୀଙ୍କୁ ଦେଇଥିବା ବର୍ଷକୁ ୨ ଲକ୍ଷ ନିଯୁକ୍ତି,ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତି ବାସିନ୍ଦା ଗରିବ ଭୂମିହୀନଙ୍କୁ ଦେଇଥିବା ପ୍ରତିଶ୍ରୁତି,ବିଜେଡ଼ି ସରକାରର ୨୩ବର୍ଷର ଚ଼ିଠି ଫଣ୍ଡ,ଖଣି,ଡାଲି ମହାଦୁର୍ନୀତି ।କେନ୍ଦ୍ରର ବିଜେପି ସରକାରଙ୍କ



ବର୍ଷକୁ ୨କୋଟି ନିଯୁକ୍ତିର ପ୍ରତିଶୃତି, ସ୍ୱିଚ୍ ବ୍ୟାଙ୍କରେ ଥିବା କଳାଧନ ଫେରସ୍ତ,ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ,ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ଆକାଶ ଛୁଆଁ ଦରଦାମ ସହିତ,ଖାଇବା ତେଲ,ଡାଲି, ଚୁଡା ଗୁଡ ଉପରେ ଜି ଏସ ଟି ଲାଗୁ ଯୋଗୁଁ ଦରଦାମ ହୁ ହୁ ହୋଇ ବଢିବା ଦ୍ୱାରା ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ ପରିବାର ହନ୍ତସନ୍ତ ହଉଛନ୍ତି। ଜି ଏସ ଟି ଯୋଗୁଁ ଭାରତ ବର୍ଷର ବହୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବନ୍ଦ ହୋଇ ଯାଇଅଛି ।ବରିଷ୍ଠ ନାଗରିକଙ୍କ ଟ୍ରେନ ଯାତ୍ରା କରିବା ନିମନ୍ତେ ସୁବିଧା ସୁଯୋଗକୁ ବନ୍ଦ କରିଦିଆ ଗଲା ।ଏହି ସବୁ ସମସ୍ୟା ନେଇ କଂଗ୍ରେସ କର୍ମୀ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦସାହି ସାହି ଘର ଘର ବୁଲି ପ୍ରଚ଼ାରପତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ ।ବିଜେଡି ଓ ବିଜେପିର ପ୍ରତିଶୃତି ଓଡ଼ିଶାର ଦୁର୍ନୀତି ସ୍ଲୋଗାନ ଏବଂ ପ୍ରଗତିର ସଂକଳ୍ପ ରାଜ୍ୟରେ କଂଗ୍ରେସ ହିଁ ବିକଳ୍ପ ସ୍ଲୋଗାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବାଳକୃଷ୍ଣ ଷଡ଼ଙ୍ଗୀ ,ମୀର ଅବୁବକର ସିଦ୍ଧିକ,ପ୍ରତିମାଜେନା,ପ୍ରକାଶ ଚ଼ନ୍ଦ୍ର ନାୟକ,ସୁଦର୍ଶନ ପ୍ରଧାନ ଶରତ ମହାପାତ୍ର ,ନବ ସାଠୁଆ ସୁଧାକର ପାଇକରା,ଦିଲ୍ଲୀପ ସେନାପତି,ସୁରେଶ ମହାରଣା,ଶିଶିର ଭଞ୍ଜ, ମିଟୁ ପ୍ରଧାନ,ହୃଦାନନ୍ଦ କାଣ୍ଡି,ବୁଲୁ ନାୟକ ଦିଲୀପ ମାଲିକ, ଜିତେନ୍ଦ୍ର ରଣସିଂହ, ଅଖିଳ ପ୍ରଧାନ,ପ୍ରମୁଖ ଶତାଧିକ କଂଗ୍ରେସକର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ରଣପୁର ଘର ଘର ବୁଲିଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା : ପ୍ରସୂତିକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହିଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

ପୁରୀ,୧୧।୧୦(ପି.ଏନ):ରାଜ୍ୟ ସରକାରଙ୍କ ସାଧାରଣ ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ଫେଲ ମାରିଛି ବୋଲି ଜଣାପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତିକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥା ସମସ୍ତଙ୍କୁ ବଳି ପଡିଛି। ଏହି ୬ମହଲା ବିଶିଷ୍ଟ ବହୁତଳ କୋଠା ଘରେ ପ୍ରସୂତି କାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେଲା ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। ଯାହା ଫଳରେ ଏହି ବହୁତଳ କୋଠାରେ ରହୁଥିବା ଶତାଧିକ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ପାନୀୟ ଜଳ ପାଇଁ ୬ମହଲା ତଳକୁ ଆସିବାକୁ ପଡୁଛି। ୬ମହଲାରୁ ତଳକୁ ଆସି ପାନୀୟ ଜଳ ସଂଗ୍ରହ କରିବା ସମୟ ସାପେକ୍ଷ ସହ ବିପଦପୂର୍ଣ୍ଣ ବୋଲି ଜଣାପଡିଛି। ସୂଚନା ମୁତାବକ, ୨୦୧୫ମସିହାର ନବକଳେବର ସମୟରେ ବହୁକୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସୂତି କାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୬ମହଲା ବିଶିଷ୍ଟ ବହୁତଳ କୋଠା ନିର୍ମାଣ କରାଯାଇଥିଲା। ଏହି ବହୁତଳ କୋଠାରେ ବର୍ତ୍ତମାନ ଶତାଧିକ ଗର୍ଭବତୀ,ପ୍ରସୂତି ଏବଂ ଶିଶୁମାନେ ବିଭିନ୍ନ ୱାର୍ଡରେ ଚିକିତ୍ସାଧିନ ରହିଛନ୍ତି। ରାଜ୍ୟ ସରକାର ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ବିଭିନ୍ନ ବ୍ୟବସ୍ଥା କରିଛନ୍ତି। କିନ୍ତୁ କିଛି ଅଧିକାରୀଙ୍କ ଅବହେଳା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି କାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଫେଲ ମାରିଛି। ପୂର୍ବରୁ ପ୍ରତ୍ୟେକ ମହଲାରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲା। କିନ୍ତୁ ଗତ କିଛି ମାସ ହେଲା ଉକ୍ତ ଜଳ ଯୋଗାଣ ମେସିନ ଖରାପ ହେବା ପରେ ମରାମତି ଆଳରେ ସେଗୁଡିକ ବର୍ତ୍ତମାନ ଗାଏବ ରହିଛି। ଅନ୍ୟ ପକ୍ଷରେ ଡାକ୍ତରଖାନା କର୍ତ୍ତୃପକ୍ଷ ଉକ୍ତ ସ୍ଥାନରେ ଆଉ ନୂତନ ମେସିନ ବସାଇବାର ଉଦ୍ୟମ କରି ନାହାନ୍ତି। ଯାହା ଫଳରେ ଉକ୍ତ ୬ମହଲା ବିଶିଷ୍ଟ ବହୁତଳ କୋଠାରେ ରହୁଥିବା ଶତାଧିକ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ବିଶୁଦ୍ଧ ପାଣି ମୁନ୍ଦିଏ ପାଣି ୬ମହଲା ତଳକୁ ଆସି




ପାନୀୟ ଜଳ ସଂଗ୍ରହ କରିବାକୁ ପଡୁଛି। ଯାହା ସାଧାରଣ ରୋଗୀଙ୍କ ପାଇଁ ସମୟ ସାପେକ୍ଷ ସହ ବିପଦ ସଙ୍କୁଳ ବୋଲି ଜଣାପଡିଛି। ଅନ୍ୟ ପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନୂତନ ରୂପ ଦିଆଯାଉଥିବା ବେଳେ,ସାଧାରଣ ଲୋକଙ୍କ ସହ ରୋଗୀଙ୍କ ମୌଳିକ ଆବଶ୍ୟକତା ପାନୀୟ ଜଳ ଯୋଗାଣକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶୁଦ୍ଧ ଜଳ ଯୋଗାଣ ମେସିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦାନ ସୂତ୍ରରେ ଦିଆଯାଉଛି। କିନ୍ତୁ ସେଗୁଡିକ କିଛି ଦିନ ଚାଲିବା ପରେ ନିର୍ଦ୍ଦିଷ୍ଟ ସ୍ଥାନରୁ ଗାଏବ ହୋଇ ଯାଉଛି। ଏ ନେଇ କୌଣସି ତଦନ୍ତ କରାଯାଉ ନାହିଁ କି ନୂତନ ପାନୀୟ ଜଳ ମେସିନ ସ୍ଥାପନ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ଉଦ୍ୟମ ମଧ୍ୟ କରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର କହନ୍ତି,ପ୍ରସୂତି ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଠିକ୍ ନାହିଁ ବୋଲି ସେ ଅବଗତ ନ ଥିଲେ। ୬ମହଲା ମଧ୍ୟରୁ କିଛି ମହଲାରେ ପାନୀୟ ଜଳ ଯୋଗାଣ ପାଇଁ ଖୁବ୍ ଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ।

## ବଦଳିଲା ନିର୍ବାଚ଼ନ ତାରିଖ: ନଭେମ୍ବର ୨୩ ନୁହେଁ, ୨୫ରେ ରାଜସ୍ଥାନ ଭୋଟ

ନୂଆଦିଲ୍ଲୀ,୧୧।୧୦(ପି.ଏନ): ବଦଳିଛି ରାଜସ୍ଥାନ ବିଧାନସଭା ନିର୍ବାଚ଼ନ ତାରିଖ। ଦିନକ ତଳେ ରାଜସ୍ଥାନବାସୀ ନଭେମ୍ବର ୨୩ରେ ଭୋଟ ଦେବେ ବୋଲି ମୁଖ୍ୟ ନିର୍ବାଚ଼ନ କମିଶନର ଘୋଷଣା କରିଥିଲେ। ହେଲେ ଆଜି ଭୋଟିଂ ତାରିଖରେ ସଂଶୋଧନ କରାଯାଇଛି । ରାଜସ୍ଥାନବାସୀ ନଭେମ୍ବର ୨୩ ବଦଳରେ ନଭେମ୍ବର ୨୫ରେ ଭୋଟ ଦେଇ ନିଜ ପସନ୍ଦର ସରକାର ବାଛିବେ। ମତଦାନର ତାରିଖ ବଦଳି ଥିଲେ ହେଁ ଭୋଟ



ଗଣତି ଓ ଫଳାଫଳ ବାକି ୪ ରାଜ୍ୟ ସହ ଡିସେମ୍ବର ୩ ତାରିଖରେ ପ୍ରକାଶ ପାଇବ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୧ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ପୁରାଣ କାହାଣୀ

## ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷିୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ରାୟପୁର ଉତ୍ତରରୁ ପୁରନ୍ଦର ମିଶ୍ର ବିଜେପି ପାର୍ଥୀ



ରାୟପୁର/ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ସମାଜସେବୀ ଏବଂ ରାୟପୁର ସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଅଧକ୍ଷ ପୁରନ୍ଦର ମିଶ୍ର ଛତିଶଗଡ଼ ରାଜ୍ୟର ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ପାର୍ଥୀ ମନୋନୀତ ହୋଇଛନ୍ତି।ଶ୍ରୀ ମିଶ୍ର ଙ୍କୁ ରାୟପୁର ନଗର ଉତ୍ତର ଆସନ ରୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ଦଳୀୟ ଟିକେଟ ମିଳିଛି।ଛତିଶଗଡ଼ ବିଧାନସଭା ନିର୍ବାଚନରେ କୌଣସି ଜାତୀୟ ଦଳ ତରଫରୁ ଶ୍ରୀ ମିଶ୍ର ଏକମାତ୍ର ଓଡ଼ିଆ ପାର୍ଥୀ ଭାବରେ ନିର୍ବାଚନ ଲଢ଼ିବେ।ଗାୟତ୍ରୀ ନଗରଠାରେ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶଗଡ଼ର ସବୁଠୁ ବଡ଼ ଜଗନ୍ନାଥ ମନ୍ଦିର, ତାଙ୍କର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ପୁରନ୍ଦର ମିଶ୍ର, ଛତିଶଗଡ଼ସ୍ଥିତ ବୃହତ ଓଡ଼ିଆ ସମାଜ ର ସଭାପତି ରୂପେ ସ୍ୱସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ।ଏହି ବୃହତ ସମାଜ ଅଧୀନରେ ପ୍ରଦେଶରେ ବସବାସ କରୁଥିବା ୩୫ଲକ୍ଷ ଓଡ଼ିଆ ଅଧିବାସୀ ଙ୍କୁ ପ୍ରତିନିଧିତ୍ୱ କରୁଥିବା ୨୪ ଟି ସମାଜ ଅନ୍ତର୍ଭୁକ୍ତ ହୋଇଛନ୍ତି।ଶ୍ରୀ ମିଶ୍ର ୱାର୍ଲଡ୍ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖାର ମୁଖ୍ୟ ପୃଷ୍ଠପୋଷକ ମଧ ଅଛନ୍ତି। ଶ୍ରୀ ମିଶ୍ର ଙ୍କୁ ବିଜେପି ପାର୍ଥୀ ଘୋଷଣା କରାଯିବା ପରେ ଛତିଶଗଡ଼ ର ଓଡ଼ିଆ ମହଲରେ ଖୁସିର ଲହରୀ ଖେଳିଯାଇଥିବା ଲକ୍ଷ କରାଯାଉଛି। ଓଡ଼ିଶା ଏବଂ ସାରା ଦେଶରେ ଶ୍ରୀ ମିଶ୍ର ଙ୍କର ସମର୍ଥକ ଓ ଶୁଭଚିନ୍ତକ ତଥା ଦେଶ ବିଦେଶର ପ୍ରବାସୀ ଓଡ଼ିଆ ନେତୃବର୍ଗମାନେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ପଠାଇଥିବା ପ୍ରାପ୍ତ ସୂଚନା ରୁ ପ୍ରକାଶ।

# ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଚମ୍ପୁଆ,(ପି.ଏନ): ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କର ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆଜି ଠାରୁ ଆରମ୍ଭ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ପ୍ରତି ଗାଁ, ପ୍ରତି ପଞ୍ଚାୟତରେ ହେବ । ଆଜି ପ୍ରଥମ ଦିନରେ ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ସାରା ରାଜ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ୩୩୯୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏଥିରେ ରାଜ୍ୟର ୬୭୯୪ଟି ପଞ୍ଚାୟତ ସାମିଲ ହେବେ । ସାରା ରାଜ୍ୟରେ ୯୦୭୨୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ପ୍ରତି ଗାଁ ପାଇବେ ୫୦ ଲକ୍ଷ ଟଙ୍କା ।ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତି, ଓଡ଼ିଶା ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ଼ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡ଼ିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି । ଆମର ସୁଦୃଢ଼ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍ ?ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡ଼ିଶା ତାର ଡେଣାକୁ ପ୍ରସାରିତ କରିବ ଏବଂ ଗଢିବ ଆମ ଓଡ଼ିଶା ନବୀନ ଓଡ଼ିଶା । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିଜ ଅଭିଭାଷଣରେ ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି । ବିଶ୍ୱ ପ୍ରେମ, ଶାନ୍ତି, ସଦ୍ ?ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି । ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଗାଁ ରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ । ଗାଁ ରେ ଇଣ୍ଟରନେଟ୍ ? ସଂଯୋଗ ମିଳିବ । ବିଜ୍ଞାନ ପାର୍କ ହେବ । ଦକ୍ଷତା ବିକାଶ କେନ୍ଦ୍ର ହେବ । ଏହା ଆମର ଯୁବ ସମାଜ ପାଇଁ, ମା ମାନଙ୍କ ପାଇଁ, ଚାଷୀ ଭାଇ ଭଉଣୀ ମାନଙ୍କ ପାଇଁ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ ଏବଂ ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜଳ କରିବ। ଏହି ନୂଆ ଓଡ଼ିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ଼ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡ଼ିଶା ପରିକଳ୍ପନା ସାକାର ରୂପ ପାଇବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦୁଝରର ୬ଟି ନିର୍ବାଚନ ମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ରେ ବିପୁଳ ଜନସମାଗମ ହୋଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କେନ୍ଦୁଝରର ୬ଟି ନିର୍ବାଚନ ମଣ୍ଡଳୀର ୨୯୭ଟି ଗ୍ରାମ ପଞ୍ଚାୟତର ୩୫୬୮ଟି ପ୍ରକଳ୍ପ ପାଇଁ ୧୪୮ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀଙ୍କ ଏହି ଆଭାସି କାର୍ଯ୍ୟକ୍ରମ କୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ବିଶାଳ ଏଲସିଡ଼ିର ବ୍ୟବସ୍ଥା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଚମ୍ପୁଆ ଉପ ଜିଲ୍ଲାପାଳ ସୁକାନ୍ତ ମାଝୀ , ଚମ୍ପୁଆ ବିଜ୍ଞାପିତ ପରିଷଦ ଅଧକ୍ଷ ଗିରିଜା ଶଙ୍କର ସାହୁ, ପଞ୍ଚାୟତ ସମିତି ଅଧକ୍ଷ ସୁରେଶ ନାୟକ, ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ଚମ୍ପୁଆ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଓ ଜନ ସାଧାରଣ ଯୋଗ ଦେଇଥିଲେ।

# ଡି ଏ ଭି ବଲାଣି ବିଦ୍ୟାଳୟର ସୁଧୁରିଲାନି ଅବସ୍ଥା , ବାଲାଗୋଡ଼ା ସରପଂଚଙ୍କ ଆନ୍ଦୋଳନ ଚେତାବନୀ

ବଲାଣି,(ପି.ଏନ): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ବଲାଣି ଲୌହ ଖଣିର ନିଜସ୍ୱ ବିଦ୍ୟାଳୟ ଡି ଏ ଭି ବଲାଣି ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ବାଲାଗୋଡ଼ା ସରପଂଚଙ୍କ ବିଦ୍ୟାଳୟ ପରିଦର୍ଶନ ଓ ଖଣି କର୍ତ୍ତୃପକ୍ଷଙ୍କୁ ଶିକ୍ଷା ଅବସ୍ଥାରେ ସୁଧାର ଆଣିବାକୁ ଅନୁରୋଧ ପରେ ଅବସ୍ଥାରେ କୌଣସି ସୁଧାର ନାସିବାରୁ ସରପଂଚ ଗୌରୀ ଖୁଂଟିଆ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ଏ ନେଇ ସେ ଏକ ପତ୍ର ମାଧ୍ୟମରେ ବିଦ୍ୟାଳୟ ର ସ୍ଥିତି ନେଇ ଅବଗତ କରିବା ସହିତ ୭ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି । ସୂଚନା ଅନୁସାରେ ବଲାଣି ଲୌହ ଖଣିର ନିଜସ୍ୱ ବିଦ୍ୟାଳୟ ଡି ଏ ଭି ବଲାଣି ସ୍କୁଲ ଦୀର୍ଘ ୫ ଦଶନ୍ଧିରୁ ଉର୍ଦ୍ଧ୍ୱ ଧରି ଖଣି ଅଂଚଳର ସ୍ଥାନୀୟ ଲୋକଙ୍କ ପିଲାଙ୍କୁ ଉଭୟ ଓଡ଼ିଆ ଓ ହିନ୍ଦୀ ମାଧ୍ୟମରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରିଆସୁଛି । ଏକଦା ଏହି ବିଦ୍ୟାଳୟରେ ୭୦ରୁ ଉର୍ଦ୍ଧ୍ୱ ସ୍ଥାୟୀ ଶିକ୍ଷକ ଭାବରେ ସମସ୍ତ ବିଷୟରେ ଶିକ୍ଷକ ଶିକ୍ଷୟତ୍ରୀ ଭରି ରହିଥିବା ବେଳେ ଖଣି କର୍ମଚାରୀ ଭାବରେ ଦରମା ପାଇ ଆସୁଥିଲେ । ତେବେ ବର୍ତ୍ତମାନ ସ୍ଥିତିରେ ମାତ୍ର ଜଣେ ସ୍ଥାୟୀ ଶିକ୍ଷକ ରହିଥିବା ବେଳେ ୧୨ ଜଣ ଠିକା ଶିକ୍ଷକ ଶିକ୍ଷୟତ୍ରୀ ରେ ଶିକ୍ଷା ପ୍ରଦାନ କରାଯାଉଛି । ଖଣି ପ୍ରଭାବିତ ଅଂଚଳର ଜମିହରା, ଖଣି ରେ କାର୍ଯ୍ୟରତ ଠିକା କର୍ମଚାରୀ ,ଅନ୍ୟାନ୍ୟ ଦିନ ମଜୁରିଆ ଓ ସ୍ଥାନୀୟ ଅଂଚଳର ଅଧିବାସୀଙ୍କ ପିଲା ମାନେ ଶିକ୍ଷା ନିମନ୍ତେ ଏହି ବିଦ୍ୟାଳୟରେ ନିର୍ଭରଶୀଳ ହୋଇଥିବା ବେଳେ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ ୮୦୪ ଜଣ ବିଦ୍ୟାର୍ଥୀ ରହିଥିବା ଜଣା ପଡ଼ିଛି । ତେବେ ବର୍ଷ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଥିବା ବେଳେ ବଲାଣି ଖଣି ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଉନାହିଁ । ଏ ନେଇ ସ୍ଥାନୀୟ ସାମାଜିକ କାର୍ଯ୍ୟକର୍ତ୍ତା ତଥା ବସୁନ୍ଧରାର ନିର୍ଦ୍ଦେଶକ ବିବେକାନନ୍ଦ ନନ୍ଦ ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଥିଲେ । ସୂଚନାରୁ ଉକ୍ତ ବିଦ୍ୟାଳୟର ହିନ୍ଦୀ ପ୍ରାଥମିକ ଶ୍ରେଣୀରେ ୨୫୨ ଜଣ ବିଦ୍ୟାର୍ଥୀ ରେ ଜଣେ ଶିକ୍ଷକ ରହିଥିବା ଓ ଓଡ଼ିଆ ପ୍ରଥମିକରେ ୪୮ ଜଣ ବିଦ୍ୟାର୍ଥୀ ରେ ଜଣେ ଶିକ୍ଷକ ରହିଥିବା ନେଇ ଖୋଦ ସେଲ୍ ରାଉରକେଲା ଇସ୍ପାତ କାରଖାନାର ସୂଚନା ବିଭାଗ ସୂଚନା ଦେଇଥିଲା । ଏଥିରୁ ଅନୁମାନ କରାଯାଇପାରେ ଯେ ସେଲ୍ ବଲାଣି ଖଣି ପକ୍ଷରୁ ଖଣି ପ୍ରଭାବିତବାସୀଙ୍କ ପିଲାମାନଙ୍କୁ କେଉଁ ସ୍ତରର ଶିକ୍ଷା ପ୍ରଦାନ କରୁଛି । ଏ ନେଇ ଦୈନିକ ଖବର କାଗଜ ''ସମାଜ'' ରେ ଖବର ପ୍ରକାଶ ପାଇବା ପରେ ବାଲାଗୋଡ଼ା ସରପଂଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଯଥା ଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ କରି ଶିକ୍ଷାବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଅନୁରୋଧ କରିଥିଲେ । ତେବେ ମାସ ପରେ ମାସ ବିତିଯାଇଥିଲେ ସୁଦ୍ଧା ଖଣି କର୍ତ୍ତୃପକ୍ଷ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି କରିନଥିବାରୁ ସରପଂଚ ଗୌରୀ ଖୁଂଟିଆ କ୍ଷୋଭ ପ୍ରକାଶ କରିଛନ୍ତି । ଯଦି ବଲାଣି ଖଣି କର୍ତ୍ତୃପକ୍ଷ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ପଦକ୍ଷେପ ଗ୍ରହଣ ନକରିବେ ତେବେ ସେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ଶାନ୍ତି, ସହିଷ୍ଣୁତା ଏବଂ ସମନ୍ୱୟତାର ବାର୍ତ୍ତାବହ !



୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପଞ୍ଜାବ ପ୍ରଦେଶର ଲୁଧିଆନାଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ୍ୟ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା। ସେହିପରି ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ଼ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ବିନା ଭେଦଭାବରେ ସମଗ୍ର ମାନବ ଜାତି ପାଇଁ କରୁଣାର ସାଗର ହୋଇ ଆସିଥିଲେ। ଅଜଣା ବସ୍ତି କାଦିଆନ (ପଞ୍ଜାବ)ରୁ ଉଠିଥିବା ଏହି ଆଧ୍ୟାତ୍ମିକ ଗୁଞ୍ଜନ ଆଜି ବିଶ୍ୱର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଚାଲିଛି। ''ଏବେ ବି ଏହି ପୁଷ୍ପବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜାମାନେ ମଧ ତୋ ଠାରୁ ଉନ୍ନତିର ଆଶାଇ ହେବେ। ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ।

ସୁତରାଂ ହଜରତ ଅହମଦ ସେହି ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରିବା ସମୟରେ ସେ ମାତ୍ର ଜଣେ ବ୍ୟକ୍ତି ଥିଲେ। ଆଜି ବିଶ୍ୱର ୨୧୫ଗୋଟି ରାଷ୍ଟ୍ରରେ ତାଙ୍କର କୋଟି କୋଟି ଅନୁଗାମୀ ଅହମଦିମାନେ ବସବାସ କରୁଛନ୍ତି। ଅହମଦୀୟା ସମ୍ପ୍ରଦାୟ ଏକ ପକ୍ଷରେ ମନୁଷ୍ୟକୁ ନିଜ ପାଳନକର୍ତ୍ତାଙ୍କ ସହିତ ସଂପର୍କ ଯୋଡ଼ିବାରେ ଯତ୍ପରୋନାସ୍ତି ପ୍ରୟାସ କରୁଛି ତ ଅନ୍ୟ ପକ୍ଷରେ ଜଣେ ମନୁଷ୍ୟକୁ ପ୍ରେମ କରିବା ପାଇଁ ତାଗିଦ କରୁଛି। ସୁତରାଂ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ତଥା ତାଙ୍କ ଖଲିଫାଗଣ ନିଜର ନୀତିଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ପଥହରା ମନୁଷ୍ୟଙ୍କୁ ସତପଥକୁ ଟାଣି ଆଣି ପାଳନକର୍ତ୍ତାଙ୍କ ସହିତ ସେମାନଙ୍କର ସଂଯୋଗ ସ୍ଥାପନ କରି ଦେଇଛନ୍ତି। ଯଦ୍ଦ୍ୱାରା ସେମାନଙ୍କୁ ମିଳିପାରିଛି ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତିର ଏକ ଦିବ୍ୟ ଅନୁଭବ। ସୁତରାଂ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରାଣପ୍ରତିଷ୍ଠାତା କହିଛନ୍ତି; ବର୍ତ୍ତମାନ ଯୁଗରେ ମୁଁ ଈଶ୍ୱର ପ୍ରେରିତ ସୁଧାରକ ହୋଇ ଆସିବା କେବଳ ମୁସଲମାନମାନଙ୍କ ସଂସ୍କାର



ପାଇଁ ଅଭିପ୍ରେତ ନୁହେଁ; ବରଂ ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିଆନ ଏହି ତିନି ପ୍ରମୁଖ ଧାର୍ମିକ ସମ୍ପ୍ରଦାୟର ସୁଧାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ ଖ୍ରୀଷ୍ଟିଆନ ନିମନ୍ତେ ମସିହ ମଉଦ କରି ପଠାଇଛନ୍ତି, ମୁଁ ସେହିପରି ହିନ୍ଦୁ ପାଇଁ କୃଷ୍ଣ ଅବତାର ରୂପରେ ଆସିଅଛି। ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା'ଠାରୁ ମଧ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତ୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଯଦି ଜଣେ ପଡ଼ୋଶୀ ଦେଖୁଛି ଯେ ଜଣେ ପାଖ ହିନ୍ଦୁ ଘରେ ନିଆଁ ଲାଗିଛି, ଅଥଚ ତାକୁ ଲିଭାଇବା ପାଇଁ ସେ ଅଂଟା ଭିଡ଼ି ବାହାରୁ ନାହିଁ, ତା'ହେଲେ ମୁଁ ସତ କହୁଛି ଯେ ସେହି ବ୍ୟକ୍ତି ମୋର କେହି ନୁହେଁ। ଯଦି ମୋର ଅନୁଗାମୀମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନକୁ ହତ୍ୟା କରାଯାଉଛି ମାତ୍ର ସେ ସେହି ହତ୍ୟାକାରୀଠାରୁ ଛଡ଼ାଇବା ଉଦ୍ଦେଶ୍ୟ ନେଇ କୌଣସି ସାହାଯ୍ୟ ପାଇଁ ଆଗେଇ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେହି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ।



ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା। ସେ ୨୬ ମଇ ୧୯୦୮ ମସିହାରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟେଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆଯାଇଥିଲା। ଭାରତବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ ଦେଶର ସବୁ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହି ବାର୍ତ୍ତାର ମୁଖ୍ୟ ଉଦ୍ଦେଶ୍ୟ। ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦଭାବ ଦୂର କରାଇବାକୁ ଯାଇ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ଯେତେବେଳେ ଆପଣମାନେ ବେଦ ଓ ବେଦର ଋଷି ମୁନିମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ଆମ୍ଭର ପବିତ୍ର ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଅବତାରତ୍ୱକୁ ଗ୍ରହଣ କରିନେବେ, ସେତେବେଳେ ମନେ ରଖନ୍ତୁ; ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ଏକ ମାତ୍ର ପନ୍ଥା। ଏବଂ ଏହା ହିଁ ଏପରି ଜଳ, ଯାହା ହୃଦୟର ଆବିଳତାକୁ ଦୂର କରିଦେବ। ଏ ଦୁଇ ଜାତିର ମିଳନର ଦିନ ଯଦି ଆସିଥାଏ, ତେବେ ଈଶ୍ୱର ସେମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ, ଯାହାପାଇଁ ମୋର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି।

ନିଜ ଦେଶବାସୀଙ୍କୁ ସମ୍ବୋଧନ କରି ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ପ୍ରିୟ ବନ୍ଧୁଗଣ ! ଚିର କାଳର ଅନୁଭବ ଏବଂ ପରୀକ୍ଷାରୁ ଏହା ସିଦ୍ଧ ହୋଇଛି ଯେ, ମହାପୁରୁଷମାନଙ୍କୁ ନିନ୍ଦା କରିବା, ସେମାନଙ୍କ ପ୍ରତି ଅନୁଚିତ ଓ ଅପମାନଜନକ କଟୁବାକ୍ୟ କହିବା କିମ୍ବା ଅନ୍ୟ କୌଣସି ପ୍ରକାର ଅସମ୍ମାନ ଓ ଅନାଦାର ପ୍ରଦର୍ଶନ କରିବା ଏପରି ଏକ ବିଷୟ, ଯାହା ଶରୀର, ଆତ୍ମା ଓ ମନକୁ ପ୍ରଦୂଷିତ କରିଦିଏ ଏବଂ ସେମାନଙ୍କ ସାଂସାରିକ ଓ ଧାର୍ମିକ ଜୀବନକୁ ନଷ୍ଟ କରିଦିଏ। ସେହି ଦେଶ କଦାପି ଶାନ୍ତିରେ ରହିପାରିବ ନାହିଁ, ଯାହାର ଅଧିବାସୀମାନେ ଜଣେ ଅନ୍ୟର ଧାର୍ମିକ ନେତା, ମହାପୁରୁଷମାନଙ୍କ ପ୍ରତି କଟାକ୍ଷ ଓ ଆକ୍ଷେପମୂଳକ ମନ୍ତବ୍ୟ ଦେବାରେ ମଗ୍ନ ରହନ୍ତି। ସେହି ଦୁଇ ସମ୍ପ୍ରଦାୟ ମଧ୍ୟରେ କଦାପି ସଦ୍ଭାବ ରହିପାରିବ ନାହିଁ।

ଆସନ୍ତୁ, ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି, ମୈତ୍ରୀ, ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା। ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା। ସର୍ବେ ଭବନ୍ତୁ ସୁଖିନଃ। ଏହା ହିଁ ଆମର କାମନା।

*"ଆସ ଆସ ଭାଇ ବଡ଼ ହେବା ପାଇଁ, ଲାଗିଯିବା ଲୋକ ଆତ୍ମା ଉପକାରେ,ଏହି ପଥେ ସତ୍ୟ ଏହି ପଥେ ଧର୍ମ, ଏହି ପଥେ ପ୍ରଭୁ ବିଷ୍ଣୁ ମିଳିପାରେ।"*

**ମୌଲାନା ଫଜଲ ହକ ଖାଁ**
*ଭୁବନେଶ୍ୱର, ମୋ: ୯୬୯୨୨୨୫୦୫୭*

## ପଖାଳ ଦିବସରେ ସ୍ୱାସ୍ଥ୍ୟ ସଚେତନତା ପ୍ରତିଯୋଗିତା

ଭୁବନେଶ୍ୱର (ପିଏନ୍): ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ନମସ୍କାର' ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ପଖାଳ ହେଉଛି ଓଡିଆଙ୍କ ପ୍ରିୟ ଖାଦ୍ୟ। ଖରାଦିନେ ପଖାଳକୁ ସମସ୍ତେ ବେଶି ମନେପକାଇଥାନ୍ତି। ପଖାଳର ମହତ୍ୱ ଓ ପଖାଳ ସ୍ୱାସ୍ଥ୍ୟ ପାଇଁ କେତେ ଜରୁରୀ ତାହାକୁ ନେଇ ରେଡିଓ ନମସ୍କାର ପକ୍ଷରୁ କୁରୁଜଙ୍ଗ ପଞ୍ଚାୟତର ଜମରା ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନେଇ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ପଖାଳ ପ୍ରସ୍ତୁତି କରିବା ସହିତ ତା ସାଙ୍ଗକୁ ବଡିଚୂରା, ମାଛ ଭଜା, ଶାଗଭଜା, ମାଛପୋଡା, ସଜନା ଛୁଇଁ ଭଜା, ବାଇଗଣ ଭଜା, କଖାରୁ ଫୁଲ ପିଠଉ, ପଣସ କଠା ପିଠଉ ଇତ୍ୟାଦି ୧୦୦ରୁ ଉର୍ଦ୍ଧ୍ୱ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତି କରି ସାମୂହିକ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କାକଟପୁର ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ତୁଷାର ଜ୍ୟୋତିରଞ୍ଜନ, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ. ଶାହଃ ଅନ୍‌ସାରୀ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ, ଶିକ୍ଷାବିତ୍ ରବିନ୍ଦ୍ରନାଥ ବାହିନୀପତି, କାକଟପୁର ସାମ୍ବାଦିକ ସଂଘର ସଭାପତି ପ୍ରଭାସ କୁମାର ପୃଷ୍ଟି, କୁରୁଜଙ୍ଗ ପଞ୍ଚାୟତ ମହିଳା ମହାସଂଘର ସଭାନେତ୍ରୀ ଝରଣା ପରିଡା ପ୍ରମୁଖ ଯୋଗଦେଇ ଓଡିଆଙ୍କ ପ୍ରିୟ ପଖାଳଖିଆ ପରମ୍ପରା ଏବଂ ପଖାଳର ପୌଷ୍ଟିକତା ଓ ଆମ ଶରୀର ପାଇଁ ପଖାଳ କେତେ ଦରକାରୀ ସେ ସଂପର୍କରେ ଆଲୋଚନା କରିଥିଲେ। ପରେ ପରେ ସାମୂହିକ ପଖାଳ ଖାଇବା ପର୍ବ ଆୟୋଜନ ହେବା ସହିତ ମହିଳା ମାନଙ୍କୁ ନେଇ ସ୍ୱାସ୍ଥ୍ୟଭିତ୍ତିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଗୌରୀ ସ୍ୱାଇଁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ସ୍ୱାଗତିକା ନାୟକ, ତୃତୀୟ ସ୍ଥାନ ଅଧିକାର କରିଥିଲେ ରମା ବିଶ୍ୱାଳ ଏବଂ ଶାନ୍ତ୍ୱନାମୂଳକ ପୁରସ୍କାର ଭାବେ ଶାନ୍ତିଲତା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓ ଗୀତାରାଣୀ ବିଶ୍ୱାଳ ପୁରସ୍କୃତ ହୋଇଥିଲେ। ଗତବର୍ଷ ପୋଷଣ ମାସ ପାଳନ ଅବସରରେ ବିଭିନ୍ନ ରାଜ୍ୟର ୩୦୦ରୁ ଉର୍ଦ୍ଧ୍ୱ କମ୍ୟୁନିଟୀ ରେଡିଓ ମାନଙ୍କଦ୍ୱାରା ପୋଷଣଯୁକ୍ତ ଖାଦ୍ୟ ସଂପର୍କୀୟ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରୁ ରେଡିଓ ନମସ୍କାର ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ 'ଆମ ପ୍ରିୟ ପଖାଳ'କୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ନ୍ୟାସନାଲ କମ୍ୟୁନିଟୀ ରେଡିଓ ଆୱାର୍ଡ ପ୍ରଦାନ କରାଯାଇଥିଲା ବୋଲି ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ. ଶାହଃ ଅନ୍‌ସାରୀ କହିଥିଲେ। ଏହି କାର୍ଯ୍ୟକ୍ରମକୁ ରେଡିଓ ନମସ୍କାରର କାର୍ଯ୍ୟକ୍ରମ ଅଧିକାରୀ ରୋଜାଲିନ୍ ପ୍ରଧାନ, ଏସ୍ କାଜଲ, ଅନୁପ ସାହୁ, ଅନ୍ଦାଜ ଆରନ୍, ଟିକିନା ରାଉତ, ଗୌରୀ ସ୍ୱାଇଁ, ଗୀତାରାଣୀ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ପରଲୋକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମର ପ୍ରମୋଦ କୁମାର ପଣ୍ଡା (ଧୁଣ୍ଡନନା)ଙ୍କର ୬୮ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥାଇ ଶଯ୍ୟାଶାୟୀ ଥିଲେ। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷି ଓ ପରୋପକାରୀ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ନିହାରରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ। ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପଣ୍ଡା, ଗଣେଶ ନାୟକ, ଗଜେନ୍ଦ୍ର ପରିଡା, ବ୍ରଜବନ୍ଧୁ ରାଉତ, ବଂଶିଧର ସାମଲ, ପ୍ରଦୀପ ପରିଡା, ନିରଞ୍ଜନ ପରିଡା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଦୁର୍ନୀତିଗ୍ରସ୍ତ ସରକାରଙ୍କ ପତନ ପାଇଁ କଂଗ୍ରେସ ବଦ୍ଧପରିକର

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ମହାନଗର ନିଗମ ନିର୍ବାଚନ ପରିପ୍ରେକ୍ଷୀରେ ୪୦ ନଂ ୱାର୍ଡରେ କଂଗ୍ରେସର ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ରାଜ୍ୟ କିଶାନ ସେଲର ପ୍ରଭାରୀ ରଶ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଜୋରଦାର ପ୍ରଚାର ସହ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏଥିସହ ବିଭିନ୍ନ ଛକମାନଙ୍କରେ ରାଜ୍ୟ କିଶାନ ସେଲର ପ୍ରଭାରୀ ଶ୍ରୀ ପଟ୍ଟନାୟକ ଉଦବୋଧନ ଦେଇ ଗତ ଦୁଇ ଦଶନ୍ଧି ଧରି ରାଜ୍ୟ ସରକାର ଖଣି, ପାଣି, ଡ଼ାଲି ଭଳି ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିବା ବିଭିନ୍ନ ବିଫଳତାର ସମାଲୋଚନା କରିଥିଲେ। ଜନସାଧାରଣଙ୍କ ଅସନ୍ତୋଷ ଚଳିତ ନିର୍ବାଚନରେ ପ୍ରତିଫଳିତ ହେବା ସହ କଂଗ୍ରେସ ଦଳ ବିପୁଳ ଭୋଟ ପାଇବ ବୋଲି ଆଶା ପ୍ରକାଶ କରିଥିଲେ। ଏଥିସହ ରାଜ୍ୟ ସରକାର ରାଜ୍ୟରେ ଆତଙ୍କ ଚଳାଇ ଅନ୍ୟାନ୍ୟ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଧମକଚମକ ଦେଇ ନିରପେକ୍ଷ ନିର୍ବାଚନ ପରିଚାଳନା କ୍ଷେତ୍ରରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। କଂଗ୍ରେସର ମେୟର ପ୍ରାର୍ଥିନୀ ମଞ୍ଜୁ ରଥ, ୪୦ନଂ ୱାର୍ଡର କର୍ପୋରେଟର ପ୍ରାର୍ଥିନୀ ରଞ୍ଜିତା କୁମାରୀ ପ୍ରଧାନଙ୍କ ସମେତ କଂଗ୍ରେସ ଦଳର ସମ୍ପାଦକ ଦଣ୍ଡପାଣି ପାତ୍ର, ଉପସଭାପତି ମହେଶ୍ୱର ପାତ୍ର, ମୁଖପାତ୍ର ରବି ରଥ, ମୃତ୍ୟୁଞ୍ଜୟ ପ୍ରଧାନ ଓ ଶହ ଶହ ଦଳୀୟ କର୍ମୀ ୱାର୍ଡର ସାହି ସାହି ବୁଲି କଂଗ୍ରେସକୁ ଭୋଟ ଦେବାକୁ ନିବେଦନ କରିଥିଲେ। ମେୟର ପ୍ରାର୍ଥିନୀ ମଞ୍ଜୁ ରଥ ସହରର ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି, ତାହା କେବଳ କଂଗ୍ରେସ ଅମଳରେ ହିଁ ହୋଇଥିଲା। କିନ୍ତୁ ଗତ ଦୁଇ ଦଶନ୍ଧି ଧରି କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ସୌନ୍ଦର୍ଯ୍ୟକରଣ ପାଇଁ ସହରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ସହରବାସୀଙ୍କ ମୌଳିକ ସମସ୍ୟା ପୂରଣ କରିବାରେ ନିଗମ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ସଚେତନ ନାଗରିକମାନେ ଏଦିଗରେ ସୁଚିନ୍ତିତ ବିଚାର କରିବାର ସମୟ ଆସିଛି। ତେଣୁ କଂଗ୍ରେସ ଦଳକୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ସେ ନିବେଦନ କରିଥିଲେ।

# ଫୁଲବାଣୀ ସଞ୍ଜୟ ସ୍ମୃତି ମହିଳା ମହା ବିଦ୍ୟାଳୟରେ ରକ୍ତଦାନ ଶିବିର୫୫ ୟୁନିଟ୍ ରକ୍ତ ସଂଗୃହିତ

କନ୍ଧମାଳ,(ପି.ଏନ): ଫୁଲବାଣୀ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ ର ୟୁଥ୍ ରେଡକ୍ରସ୍ ଓ ରେଡ ରିବନ କ୍ଲବ ପକ୍ଷରୁ ଆଜି କଲେଜ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କଲେଜର ଅଧକ୍ଷା ଡଃ ତନୁଜା ସିଂ ଉଦଘାଟନ କରିଥିବା ବେଳେ ଏହି ଅବସରରେ ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ.ଜୟଦୀପ କୁମାର ଘୋଷ, ୱାଇଆରସି କାଉନସେଲର ସୁଶ୍ରୀ ଯଶୋଦା ଜେନା,ବିଶିଷ୍ଟ ରକ୍ତଦାତା ତଥା ପ୍ରୋତ୍ସାହନକାରୀ ପ୍ରଶାନ୍ତ କୁମାର ବେହେରା ଓ ଭି.ଲୋକନାଥ ରାଜୁ ଏବଂ ଶିବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟକୁ ଫୁଲବାଣୀ ରକ୍ତଭଣ୍ଡାର କର୍ମଚାରୀ ସୂଜିତ କୁମାର ସାହୁ,ଅର୍ଚ୍ଚନା ପ୍ରଧାନ,ପ୍ରଶାନ୍ତ କୁମାର ରନ୍ଧାଲୁ ଏବଂ ବରୁଣ କୁମାର ବେହେରା ପ୍ରମୁଖ ସୁଚାରୁ ରୁପେ ସମ୍ପାଦନ କରିଥିଲେ । ଶିବିର ହେବା ପୁର୍ବରୁ କଲେଜରେ ଏକ ରକ୍ତଦାନ ପ୍ରୋତ୍ସାହନ କାର୍ଯ୍ୟକ୍ରମରେ ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ.ଜୟଦୀପ କୁମାର ଘୋଷଙ୍କ ସମେତ ପ୍ରଶାନ୍ତ କୁମାର ବେହେରା ଓ ଭି.ଲୋକନାଥ ରାଜୁ ପ୍ରମୁଖ ଛାତ୍ରୀ ମାନଙ୍କୁ ରକ୍ତଦାନର ଆବଶ୍ୟକତା ଓ ଉପକାରିତା ବିଷୟରେ ବୁଝାଇବା ସହିତ ସେମାନଙ୍କୁ ରକ୍ତଦାନ କରିବା ଦିଗରେ ପ୍ରୋତ୍ସାହିତ କରିଥିଲେ । ଶିବିରରେ କଲେକର ଅଧାପକ କୁଶ ନାୟକ,ଦେବସ୍ମିତା ସାହୁ,ଧନଞ୍ଜୟ ପ୍ରଧାନ, ସୁରେଶ ଚନ୍ଦ୍ର ବେହେରା, ତନୁଶ୍ରୀ ପ୍ରଧାନ,ଦାମୋଦର ପ୍ରଧାନ ପ୍ରମୁଖ ରକ୍ତଦାନ କରି ଛାତ୍ରୀ ମାନଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ । ୟୁଥ୍ ରେଡକ୍ରସ୍ ର ଛାତ୍ରୀ ମାନଙ୍କ ମଧ୍ୟରୁ ମଧୁସ୍ମିତା ଦିଗାଲ,ସୌମ୍ୟାଶ୍ରୀ ପ୍ରିୟଦର୍ଶୀନି ବେହେରା ଏବଂ ଅନ୍ୟାନ୍ୟ ଛାତ୍ରୀ ମାନେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଏହି ଶିବିରରେ ରେଡକ୍ରସ୍ ର ସ୍ୱେଚ୍ଛାସେବୀ ମାନେ ସହାୟତା କରିଥିଲେ । ଏହି ଶିବିରରେ ସମୁଦାୟ ୫୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଶେଷରେ କଲେଜର ଅଧକ୍ଷା ସମସ୍ତଙ୍କୁ ଶିବିରର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।




## ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଖୋର୍ଦ୍ଧା (ପିଏନ୍): ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ, ମହାନ ବିପ୍ଳବୀ, ଓଡିଆ ଜାତିର ଅସ୍ମିତା, ବୀରତ୍ୱର ପ୍ରବାଦପୁରୁଷ ଭାବେ ପରିଚିତ ଜୟୀ ରାଜଗୁରୁଙ୍କ ତମ ଜୟନ୍ତୀ ଉତ୍ସବ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ଛକ ସ୍ଥିତ ପଂଚପାଇକ ପୀଠ ପରିଷ୍କାର ସହ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ କହିଲେ ଯେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗାରିମା, ଦେଶପ୍ରେମ ଅତୁଳନୀୟ। ତିଥି ଅନୁସାରେ ପବିତ୍ର ଅଳାଁ ନବମୀରେ ଏହି ମହାନ ସ୍ୱାଧିନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ୍ୟ ମୁଖ୍ୟ ଥିଲେ। ପୁରୀ ଜିଲାର ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନଚେତା ଏବଂ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନସ୍ୱରୂପ ମରହଟାମାନେ ଗଜପତିଙ୍କଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷାକଲେ ନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ପରାସ୍ତ ହୋଇ ନାବାଳକ ରାଜାଙ୍କୁ ବଂଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନାପୁର ନିକଟବର୍ତୀ ବାଘୀତୋଟାର ବରଗଛର ଦୁଇଟି ଡାଳକୁ ଭିଡିଆଣି ବିପ୍ଳବୀ ଜୟୀଙ୍କ ଦୁଇଗୋଡ ବାନ୍ଧି ଡାଳ ଦୁଇଟିକୁ ଛାଡି ଦିଆଗଲା। ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଜୟୀ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ପରବର୍ତୀ ସମୟରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଏହାର ଅନେକ ପ୍ରସଙ୍ଗ ଆଜି ବି ସମାଜର ଆଢୁଆଳରେ ରହିଯାଇଛି। ଏହା ଗବେଷଣାସାପେକ୍ଷ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ, ଇତିହାସକୁ ଭୁଲିଗଲେ ଐତିହ୍ୟ ନଷ୍ଟ ହୋଇଯିବ। ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଅଥଚ ଭାରତ ଅଥବା ଓଡ଼ିଶା ସରକାର ତାଙ୍କୁ ବର୍ତମାନ ପର୍ଯ୍ୟନ୍ତ ଭାରତର ପ୍ରଥମ ସହୀଦର ଆଖ୍ୟା ପ୍ରଦାନ କରିନାହାନ୍ତି। ସେ ଜଣେ ସ୍ୱାଧିନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଜୟୀ ରାଜଗୁରୁଙ୍କୁ ଯେପରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ପୃଥିବୀ ଇତିହାସରେ ଏପରି ଘଟିନାହିଁ। ତାଙ୍କ ସଂଗ୍ରାମମୟ ଜୀବନୀ ଲୋକଲୋଚନକୁ ଆସିବା ଦରକାର। ଆଜି ମଧ୍ୟ ତାଙ୍କ ଫାଶୀସ୍ଥାନକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଇତିହାସରେ ଜୟୀଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେବି ହାଇସ୍କୁଲର ଛାତ୍ର ପ୍ରତ୍ୟୁଷ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ ପାଇଁ ପୁଲିଂ ପାର୍ଟି ବୁଥରେ ପହଁଚିଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚକ୍ରଧରପୁର ପଂଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୁଲିଂ ପାର୍ଟି ବ୍ଲକ କାର୍ଯ୍ୟାଳୟରୁ ସମସ୍ତ ପ୍ରକାର ସରଂଜାମ ଧରି ଗତକାଲି ଦିନ ୧୨ଟା ସୁଦ୍ଧା ବୁଥରେ ପହଁଚିଯାଇଛନ୍ତି। ଚକ୍ରଧରପୁର ପଂଚାୟତ ସମିତି ସଭ୍ୟ ଉପନିର୍ବାଚନରେ ପ୍ରାର୍ଥୀ ଭାବେ ସୌମ୍ୟରଂଜନ ସାହୁ, ଗୋପବନ୍ଧୁ ସିଂ, ବିଭୁତି ଭୁଷଣ ଜେନାମଣି ଓ କିଷାନ ପୁର୍ତୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଠାରେ ୧୩୦୫ ପୁରୁଷ ଓ ୧୨୪୪ ଜଣ ମହିଳା ମୋଟ ୨୫୫୯ ଭୋଟର ମତଦାନ କରିବେ। ଏହି ପଂଚାୟତରେ ସମସ୍ତ ୧୧ ଗୋଟି ବୁଥକୁ ଉତେଜନା ପ୍ରବଣ ବୁଥ ଭାବେ ପରିଗଣିତ କରାଯାଇଛି। ଆଜି ସକାଳ ୭ରୁ ମତଦାନ ଆରମ୍ଭ ହୋଇ ଦିନ ୧ଟାରେ ଶେଷ ହେବ। ଭୋଟ ନିମନ୍ତେ ୪୮ ଜଣ ପୁଲିଂ କର୍ମଚରୀ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ଟି ପେଟ୍ରୋଲିଂ ଟିମ ଓ ୧ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ପ୍ରତ୍ୟେକ ବୁଥରେ ୩ଜଣ ପୁଲିଂ ଅଫିସର ଓ ଜଣେ ପୁଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ମତଦାନ ଶେଷ ହେବା ପରେ ଭୋଟବାକ୍ସକୁ ସିଲ କରାଯାଇ ବ୍ଲକ କାର୍ଯ୍ୟାଳୟକୁ ଅଣାଯିବ। ୫ ତାରିଖ ସକାଳ ୮ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ଶ୍ରୀ ବଳ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁରପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଂଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ପଦଟି ଖାଲିପଡିଥିବାରୁ ଏହି ଉପନିର୍ବାଚନ ହୋଇଛି।

## ଗୀତାଜାଗରଣ ପରିଷଦ ପକ୍ଷରୁ ଭାଗବତ କଥାମୃତ ଆଲୋଚନା ଉଦ୍‌ଘାଟିତ



ଯାଜପୁର (ପିଏନ୍): ଯାଜପୁରର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବକୁ ଯାଜପୁରର ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଉଦ୍‌ଘାଟକଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୀତା ଜାଗରଣ ପରିଷଦର ସଭାପତି ଆଡ୍‌ଭୋକେଟ୍ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆକାଶ ଦୀପ ପ୍ରଜ୍ୱଳନ କରାଯିବା ସହିତ ପବିତ୍ର ବୈତରଣୀ ନଦୀ ତଟରେ ବୈତରଣୀ ମାତାଙ୍କୁ ବନ୍ଦାପନା କରାଯାଇଥିଲା। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହିତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଭାଗବତ ସମସ୍ତ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଉ ମ ଅଟେ ଏବଂ ଏହା ପାଠ କରିବା ଦ୍ୱାରା ମନୁଷ୍ୟର ସମସ୍ତ ପାପ ଖଣ୍ଡନ ହୋଇଥାଏ ବୋଲି ସେ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ଯୋଗଦେଇ ଭାଗବତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେରଣା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବସନ୍ତ କୁମାର ପତି, ପଣ୍ଡିତ ବାସୁଦେବ ମିଶ୍ର, ଅଧ୍ୟାପକ ରମାକାନ୍ତ ବରାଳ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଗଦାଧର ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବାସ ମହାପାତ୍ର, ରବିନାରାୟଣ କର, ହୃଷିକେଶ ପତି, ସନ୍ତୋଷ ସ୍ୱର୍ଣ୍ଣକାର, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ପାଗଳା ପାଣି, ସମିର ନାୟକ, ଅକ୍ଷୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ-ସଂପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମାତୃଭୂମି ସେବା ସଂସ୍ଥାର ଗୋପବନ୍ଧୁ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ମାତୃଭୂମି ସେବା ସଂସ୍ଥା ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଦୁଷ୍ମନ୍ତ ସାର୍, ନାଟ୍ୟକର ବିଜୟ କୁମାର ମହାକୁଡ଼, ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପ କମଳ ଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ସଂଗଠନର ନିଃସ୍ୱାର୍ଥପର ସେବା ଜାରି ରହିବ ବୋଲି ମତ ବ୍ୟକ୍ତ କରିଥିଲେ।

## ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟା



ଯୋଜନା ଅର୍ଥାତ୍ ସରକାରୀ ଯୋଜନା। ଆଜି ଦିନରେ ସରକାରଙ୍କ ଯେତେ ଯୋଜନା ଆସୁଛି, ତନ୍ମଧ୍ୟରେ ଅଧିକାଂଶ ଭୋଟକୈନ୍ଦ୍ରିକ। କେତେଗୁଡିଏ ଯୋଜନା କେବଳ ଲୋକମାନଙ୍କୁ ନିଜ ନେତାମାନଙ୍କ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ନୂଆଖାଇରେ କାଳିଆ ଟଙ୍କା ଆବଂଟନକୁ ଏକ ଦୃଷ୍ଟାନ୍ତ ଭାବରେ ମଧ୍ୟ ନିଆଯାଇପାରେ। କରଦାତାଙ୍କର କୋଟିକୋଟି ଟଙ୍କା ବଂଟାଗଲା ସତ ହେଲେ ତାର ସୁଫଳ ସେହି ଅନୁସାରେ ମିଳିବା ଅସମ୍ଭବ ପରି ଦିଶୁଛି। ଯାହା ପ୍ରଚାର ପ୍ରସାର ହେଉଛି ତାହା ବାସ୍ତବିକତାଠାରୁ ଢେର ଦୂରରେ। ହଁ! ସରକାରଙ୍କୁ ନାଁ ମିଳିଲା, ଭୋଟ ମଧ୍ୟ ମିଳିବ। ହେଲେ ଦେଶଦଶର ଉନ୍ନତିରେ ଏପରି ମାଗଣା ବଂଟନ ପ୍ରକ୍ରିୟା ବିଶେଷ ଭାବରେ ବାଧକ ସୃଷ୍ଟି କରିବା ସ୍ୱାଭାବିକ। ଏମିତି ଏକ ଯୋଜନା ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ବଂଟନ ବାବଦକୁ ସରକାର ଯାହା ଖର୍ଚ୍ଚ କରୁଛନ୍ତି ତାହା ଶୁଣିଲେ ସାଧାରଣ ଲୋକଙ୍କ ହୋସ୍ ଉଡିଯିବ। ପ୍ରାୟ ଅଠାବନ ଲକ୍ଷ ପରିବାର ପାଇଁ ଦୁଇଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ ହେଉଛି। ଏହା ଏକ ଏମିତି ଯୋଜନା, ଯାହାକୁ କେହି ସର୍ବସମକ୍ଷରେ ପ୍ରଶଂସା କରିବାର ଦେଖାଯାଉନି ସତ; କିନ୍ତୁ ନେତାଙ୍କଠାରୁ ଜନତା ସମସ୍ତେ ଏହାର ପକ୍ଷଧର। ଏହାକୁ ବନ୍ଦ କରିବା କାଠିକର ପାଠ। ଯେଉଁ ଦଳ ବି ସରକାରରେ ରହୁ, ଏପରି ଯୋଜନାକୁ ବନ୍ଦ କଲା ମାତ୍ରକେ ଜନତା ଆକ୍ରୋଶର ଶିକାର ହୋଇ ସରକାର ଯିବାଟା ଥୟ।

ଅନ୍ୟମାନଙ୍କ କଥା ଛାଡନ୍ତୁ, ଯେଉଁମାନଙ୍କୁ ଏହି ଚାଉଳ ମିଳୁଛି, ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ କୃଷକ। ଜମି ଅଛି, କିନ୍ତୁ ଚାଷ କରୁନାହାନ୍ତି। କାରଣ ସେ ଯଦି ଧାନଚାଷ କରି ଚାଉଳ ପେଷେଇବେ ଚାଉଳ କିଲୋ ଅତି କମ୍‌ରେ କୋଡିଏ ଟଙ୍କା ଉପରେ ସେମାନଙ୍କୁ ଦେୟ ପଡିବ। ତା'ପରେ ସମସ୍ତେ ତ' ଟଙ୍କିକିଆ ଚାଉଳ ଖାଇ ଗାଁମୁଣ୍ଡ ବରଗଛ ଛାଇ ପଡିଥିବା ଚନ୍ଦିନିରେ ଦିନରାତି ତାସ ଖେଳରେ ସମୟ କାଟିଲେ, ମୂଲ କିଏ ଲାଗିବ? ଆଜିକାଲି ମୂଲିଆ ମଜଦୂର୍ ବି ଗାଁଗହଳିରେ ଆଉ ବିଲବାଡି କାମ ପାଇଁ ମିଳୁନାହାନ୍ତି। ସବୁ କାମ କ'ଣ ଯନ୍ତ୍ରଦ୍ୱାରା ସମ୍ଭବ! ପୁରୁଷ ଲୋକ ଅଳସୁଆ କର୍ମକୋଢ଼ ହେଲାବେଳକୁ ସ୍ତ୍ରୀ ଲୋକମାନେ ଆଉ ପାଣି କୂଅରୁ କାଢିବାକୁ ସୁଯୋଗ ପାଉନାହାନ୍ତି। ସବୁ ଗାଁରେ ନଳକୂପ ଓ ସପ୍ଲାଏ ପାଣି ଯୋଜନା ପହଁଚିବ। ଧାନ ଶୁଖା, ଧାନ ବସା, ଉଷୁନା ଧାନ ପାଇଁ ଖରାରେ କେତେ ପରିଶ୍ରମ ହେଉଥିଲା, ଆଉ ସେଗୁଡା କିଛି ନାହିଁ। ଅମଳ ପରେ ସିଧା ବସ୍ତାଭରି ମଣ୍ଡିକି ଚାଲିଲେ। ନାରଣା କହୁଛି ବିଲଧାନର ଚାଉଳ ଅପେକ୍ଷା ଟଙ୍କିକିଆ ଚାଉଳ ସୁଆଦିଆ, ତା' ଛୁଆମାନେ ନିଜ ଜମି ଚାଉଳ ଖାଇବାକୁ ମଙ୍ଗୁନାହାନ୍ତି। ଗହିରମଥା ଉପରୁ ଆଉ ଆମର କ୍ଷେତଖଳିହାନ ଆଗପରି ସବୁଜିମାଭରା ଦିଶୁନି କି ଚାଷୀପୁଅର ବଳିଷ୍ଠ ବପୁବାଲା ଚେହେରା ଆଉ ନାହିଁ। ସେ କାଳ ଲଙ୍ଗଳ ଯୁଆଳୀ ଶଗଡଦଣ୍ଡା ଖଳା ପରମ୍ପରା ଆଉ ଅଳ୍ପ ଦିନରେ ଇତିହାସ ପାଲଟିବାକୁ ବସିଲାଣି। ଏଣୁ ସରକାରଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା ଯେ ସବୁ ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକୁ ପୁନର୍ବାର ତର୍ଜମା କରାଯାଉ। ଯେଉଁସବୁ ଯୋଜନା ମଣିଷକୁ କର୍ମକୋଢ଼ ଅଳସୁଆ କରୁଛି ଏବଂ ସମାଜକୁ ଏକ ବିଧ୍ୱଂସକ ପରିଣତି ଆଡକୁ ଟାଣିନେଉଛି, ସେଗୁଡିକୁ ସତ୍‌ସାହସର ସହ ବନ୍ଦ କରାଯାଇ ଦେଶଦଶର ଉନ୍ନତି ବିଷୟରେ ଚିନ୍ତା କରାଯାଉ!

**—ଇଂ. ବିଦ୍ୟାଧର ପଣ୍ଡା, ସମ୍ପାଦକ,** ଦୈନିକ ଓଡିଆ -ସତ୍ୟାଗ୍ରହୀ-
ମୋ-୯୪୩୯୧୨୮୦୫୦, ଏଲ୍-୧୭/୧୫, ଡୁମୁଡୁମା,ଭୁବନେଶ୍ୱର-୭୫୧୦୧୯

## ଅନୁମତି ନମିଳିବାରୁ ସୂଚନା ଅଧିକାର କର୍ମୀଙ୍କ ତହସିଲ ସମ୍ମୁଖରେ ଧାରଣା ବାତିଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତହସିଲ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ନମିଳିବା ଯୋଗୁଁ ଧାରଣା ବାତିଲ କରାଯାଇଛି। ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ବହୁ ଘଟଣା ଉପରେ ଆରଟିଆଇ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥା'ନ୍ତି। ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରୁ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା। ତେବେ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନିରାଶ ହେବା ପରେ ଯଦି ତାଙ୍କୁ କିଛି ତଥ୍ୟ ନମିଳେ ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ତାରିଖରୁ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ। ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତିନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ହେଲେ ଶେଷ ମୁହୂର୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ। ଯାହାଫଳରେ ଶ୍ରୀ ବେହୁରିଆ ମ୍ରିୟମାଣ ହୋଇପଡିଛନ୍ତି। ସରକାରଙ୍କ ସମସ୍ତ ନିୟମ ମାନି ଗଣତନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ପାଇଁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ସାରିଦେଇଥିବା ବେଳେ ଧର୍ମଶାଳା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନକରିବକୁ ଯାଜପୁର ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଯାହାଫଳରେ ଶେଷ ମୁହୂର୍ତରେ ଉପଜିଲ୍ଲାପାଳ ଅନୁମତି ପ୍ରଦାନ କରିନଥିଲେ। ଫଳରେ ଶ୍ରୀ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହୋଇଛନ୍ତି। ତେବେ ଏଥିପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ବାତୋ ପଂଚାୟତ ଅନ୍ତର୍ଗତ ତମ୍ପୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ରଜେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜ ଜେନା ଓ ଗୋଲଖ ବିହାରୀ ବରାଳଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବରାଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଖୁ ିଆ, ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନରହରି ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ବାତୋ ସରପଂଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନା, କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଦୁଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ମହନୀୟତା ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ଅବସର ସମୟ ସୁସ୍ଥ ଓ ନିରାମୟ ହେବାକୁ କାମନା କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ତମ୍ପୋ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲେଶ୍ୱର (ପିଏନ୍)- ଖନ୍ତାପଡା ଥାନା ଅନ୍ତର୍ଗତ ଖନ୍ତାପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ଅଭୟ କୁମାର ପଣ୍ଡାଙ୍କ ସହ ଗ୍ରାମର କିଛି ଲୋକଙ୍କର ବିବାଦ ଲାଗିରହିଥିଲା। ଗ୍ରାମର ମଧ୍ୟସ୍ଥି ଦ୍ୱାରା ଦୁଇଦିନ ପୂର୍ବେ ଏହାର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ହଠାତ୍ ଅଭୟଙ୍କ ମୃତଦେହ ୧୬ ନଂ ଜାତୀୟ ରାଜପଥ ଦାଣ୍ଡକାଳୀ ନିକଟ ଏକ ଗ୍ରାମ ସଂଯୋଗ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସହ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହ ିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ସଦସ୍ୟମାନେ ରାଜରାସ୍ତାରେ ବସିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହ ି ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ପରେ ଖନ୍ତାପଡ଼ା ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତକଙ୍କ ଶବକୁ ଉଦ୍ଧାର କରାଯିବା ସହ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପ ାୟତ ରାଧାନଗର ଗ୍ରାମର ବ୍ୟବସାୟୀ ପଦ୍ମନାଭ ସାହୁ (୭୩)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ନିରଂଜନ, ମନୋରଂଜନ, ଚିତରଂଜନ, ଝିଅ ରୁନୁବାଳା, ଜ୍ୱାଇଁ କୈଳାସ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ବ୍ୟବସାୟୀ ଶ୍ରୀନାଥ ଜେନା, ଶୁଭେନ୍ଦୁ ସାହୁ, ବିନୋଦ ଜେନା, ଦିଲୀପ କୁମାର ଜେନା, ଜ୍ଞାନୀ ରାଉତ, ରମେଶ ସାହୁ, ଅଶୋକ ସାହୁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ସାମ୍ବାଦିକ ମାନସରଂଜନ ଜେନା, ଅକ୍ଷୟ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କଂଗ୍ରେସ ନେତା ମିହିର ଖୁ ିଆ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ବଡ଼ ପୁଅ ନିରଂଜନ ମୁଖାଗ୍ନି ଦେଇଥିଲେ।

## ବାତୋ ପ ାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପ ାୟତରେ ସମିତିସଭ୍ୟ ତରଣୀସେନ ବରାଳଙ୍କ ନେତୃତ୍ୱରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଉଲ୍ଲୋଳ ଗ୍ରାମରୁ ବାହାରି ଅତା, ମଧୁକେଶରୀ, ଲୁଣିଆପାଟଣା, ଅନ୍ତିରା, ତମ୍ପୋ, ବାତୋ, କରଡାପାଳ, ପରମାନନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବାତୋ ପଂଚାୟତର ସରପଂଚ ଝରଣା ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା ଏବଂ ବାତୋ ପଂଚାୟତର ବରିଷ୍ଠ ନେତା ସୁରେନ୍ଦ୍ର ପାଗଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହ ାଇବା ସହିତ ପଂଚାୟତବାସୀ ତଥା ଗ୍ରାମର ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସମୂହ ଶପଥ ପାଠ କରାଯାଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଜେଡିର ଜନ ସମ୍ପର୍କ ପଦଯାତ୍ରାର ଉଦଯାପନ ଉତ୍ସବରେ ସାମିଲି ହେଲେ ଅନେକ କର୍ମୀ



ନିମାପଡା,(ପି.ଏନ) :ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ର ଉଦଯାପନ ଉତ୍ଛବ ଅବସରରେ ଦୁଇ ହଜାର ରୁ ଉର୍ଦ୍ଧ ଏକ ବିଶାଳ ମଟର ସାଇକେଲ ରାଲି ନିମାପଡା ଠାରୁ ବାହାରି ଗୋପ ଷୋଳପୁର ପର୍ଯ୍ୟନ୍ତ ଯାଇଥିଲା ଏବଂ ଷୋଳପୁର ଠାରୁ ଏକ ହଜାର ରୁ ଉର୍ଦ୍ଧ ମହିଳାଙ୍କ ସହିତ ପଦଯାତ୍ରା ରେ ଯାଇ ନାଗପୁର ଠାରେ ଉଦଯାପନି ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ମନ୍ତ୍ରୀ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ତଥା ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ,ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ,ନିମାପଡା ବ୍ଲକ ସଭାପତି ଅଶୋକ ସାହୁ,ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ,ନିମାପଡା ନଗର ସଭାପତି ଜୀବନାନନ୍ଦ ମହାପାତ୍ର,ଜିଲ୍ଲାପରିଷଦ ପ୍ରଦୀପ୍ତ ଖଟୋଇ,ସାଂସଦ ପ୍ରତିନିଧି ସୁକାନ୍ତ ମହାନ୍ତି, ନିମାପଡାର ପୂର୍ବତନ ନଗରପାଳ ସନାତନ ପ୍ରଧାନ,ଅକ୍ଷୟ ନିଶଙ୍କ ଓ ନିରଞ୍ଜନ ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।ବିଜୁଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଧ ?ଶ କ୍ରମେ ଆକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିଲା ଜନ ସମ୍ପର୍କ ପଦଯାତ୍ରା ।ଏହି ପଦଯାତ୍ରା ନିମାପଡା ଓ ଗୋପ ବ୍ଲକର ୪୬ ପଂଚାୟତ ଅତିକ୍ରମ କରିବା ସହ ନବୀନ ସରକାରଙ୍କ ବିକାଶ ମୂଳକ ବାର୍ତ୍ତା କୁ ସାଧାରଣ ଲୋକଙ୍କ ଘରେ ଘରେ ପହଞ୍ଚାଇ ଥିଲା ବିଜେଡି ଦଳ ।ଏଥି ସହିତ ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ କେନ୍ଦ୍ର ସରକାରଙ୍କ ରାଜ୍ୟପ୍ରତି ଅବହେଳା କୁ ନେଇ ପ୍ରତିଟି ୱାର୍ଡକୁ ଯାଇ ସଚେତନ କରେଇବା ସହିତ କାର୍ଯ୍ୟକ୍ରମ ଭିତରେ ଯୁବ ସମାବେଶ ଓ ଯୋନ ସ୍ତରୀୟ ତାଲିମ ଶିବିର ଆୟୋଜନ କାର୍ଯ୍ୟକ୍ରମ ମଧ୍ୟ ରହିଥିଲା

# ଡିଜିଟାଲ୍ ସାକ୍ଷରତାରେ ମାତୃଶକ୍ତିର ଅଭିବୃଦ୍ଧି

## ଭାରତ ପାଇଁ ଶୁଭ ସଙ୍କେତ: ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର: ଆଜି ଭାରତ ଭଳି ଦେଶରେ ଡିଜିଟାଲ୍ ସାକ୍ଷରତାରେ ଅନେକ ମହିଳାମାନେ ଡିଜିଟାଲ ଜ୍ଞାନକୌଶଳକୁ ଭଲରେ ବୁଝିପାରୁଛନ୍ତି, ଯାହା ଭାରତ ପାଇଁ ଏକ ଶୁଭ ସଙ୍କେତ ବୋଲି ବୁଧବାର ନୂଆଦିଲ୍ଲୀରେ ଅନ୍ତଃରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ଅବସରରେ ଆୟୋଜିତ "ନୀତି ସମ୍ବାଦ" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଇପିଇ ଗ୍ଲୋବାଲ ଲିମିଟେଡର ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କିଛି ବର୍ଷ ପୂର୍ବରୁ ମୋବାଇଲରେ ଫେସବୁକ୍ ଓ ହ୍ୱାଟ୍ସଆପକୁ ଏକ ଏଣ୍ଟରଟେନମେଣ୍ଟର ଜରିଆ ଭାବରେ ବିବେଚିତ କରାଯାଉଥିଲା । ମାତ୍ର ଏବେ ଏହି ଆପ୍ ମାଧ୍ୟମରେ ମହିଳାମାନେ ବ୍ୟବସାୟ କରିପାରୁଛନ୍ତି । ବର୍ତ୍ତମାନ ଭାରତରେ ଅଧିକ ଡିଜିଟାଲ୍ କାରବାର ବା ୟୁପିଆଇ ପେମେଣ୍ଟ ଅଧିକ ହେଉଛି । ଅର୍ଥାତ୍ ମହିଳାମାନେ ହି ଏଥିରେ ଯୋଡି ହୋଇ ଏଥିରେ ନିଜକୁ ଯୋଡି ଦେଶରେ ଡିଜିଟାଲ ସାକ୍ଷରତାକୁ ବଢାଇଛନ୍ତି । ଶିଶୁକନ୍ୟାଙ୍କ ବିକାଶ ନେଇ ଆୟୋଜିତ କଥାବସ୍ତୁ ଉପରେ ମତ ରଖି ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ୯ ବର୍ଷରେ ମୋଦି ସରକାରରେ ଝିଅ ଓ ମହିଳାଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ପ୍ରଣୟନ କରାଯାଇଛି । ମୋଦି ସରକାର ଦାୟିତ୍ୱ ନେବା ପରେ ସବୁ ଗାଁ ସ୍କୁଲରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ମହିଳାଙ୍କ ଖାତା ଖୋଲିବା, ମୁଦ୍ରା ଯୋଜନାରେ ମହିଳାମାନେ ପ୍ରମୁଖ ଲାଭାର୍ଥୀ । ମହିଳାଙ୍କୁ କମ ସୁଧରେ ଋଣ ଦେବାର ବ୍ୟବସ୍ଥା ହୋଇଛି । କରୋନା ସମୟରେ ଗରିବ କଲ୍ୟାଣ ଯୋଜନାରେ ମୁଣ୍ଡ ପିଛା ମାଗଣା ଚାଉଳ ଦେବାର ବ୍ୟବସ୍ଥା କରାଗଲା । ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଦକ୍ଷତା ବିକାଶରେ ମଧ୍ୟ ଯୋଡାଯାଇଛି । ଏହି ସବୁ ଯୋଜନାରେ ମାଆମାନେ ଲାଭ ପାଇଛନ୍ତି । କାହିଁକି ନା ମାଆ ମାନେ ସୁରକ୍ଷିତ ରହିଲେ ପିଲାମାନେ ସୁସ୍ଥ ଓ ସୁରକ୍ଷିତ ରହିବେ । ଆଜି ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି । ଜାତୀୟ ଶିକ୍ଷା ନୀତି ସମାଜରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଛି । ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ପ୍ରାଥମିକତା ଦିଆଯାଇଛି । ପୂର୍ବରୁ ଭାଷାକୁ ଏକ ବିଷୟ ଭାବରେ ଗଣାଯାଉଥିଲା ମାତ୍ର ଏବେ ଭାଷାକୁ ଅନ୍ତରର ସହ ଯୋଡିହେବାର ବ୍ୟବସ୍ଥା ହୋଇଛି । ମାତୃଭାଷାରେ ପିଲାମାନେ ପ୍ରାରମ୍ଭିକ ସମୟରେ ପାଠ ପଢିଲେ ସେମାନଙ୍କୁ ସବୁ ବୁଝିବାରେ ସହଜ ହେବ । ବୌଦ୍ଧିକ କ୍ଷମତା ଓ ବିଶ୍ଲେଷଣ କରିବାର କ୍ଷମତା ବଢିବ । ଆମେ ଯେତେବେଳେ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଅଗ୍ରସର ହେଉଛୁ, ସେହି ସମୟରେ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଏବଂ ପ୍ରତ୍ୟେକ କନ୍ୟା ସନ୍ତାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମାନ ସୁଯୋଗ ଦେବା ସହିତ ସଶକ୍ତ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ନାନାଜୀ ଦେଶମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ,(ପି.ଏନ): ଆଜି ହେଉଛି ଭାରତ ରତ୍ନ ନାନାଜୀ ଦେଶମୁଖଙ୍କ ଜୟନ୍ତୀ । ଏହି ଅବସରରେ ତାଙ୍କ ସ୍ମରଣ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ସେ ଲେଖିଛନ୍ତି ଯେ, ଭାରତ ରତ୍ନ ନାନାଜୀ ଦେଶମୁଖ ରାଜନୀତିରେ ରହି ସାମାଜିକ ନୀତିକୁ ଏକ ଏଭଳି ନୂଆ ପରିଭାଷା ଦେଇଥିଲେ ଯାହା ଉପରେ ଭାରତ ସାମାଜିକ କଲ୍ୟାଣ ଦିଗରେ ଅଗ୍ରସର କରିଥିଲା ।

# ବାରିପଦା ଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ



ବାରିପଦା,(ପି.ଏନ) : ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଆଜି ବାରିପଦା ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ବାରିପଦା ଷ୍ଟାଡିଅମ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ ହୋଇଯାଇଛି.ଜିଲ୍ଲା ର ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କ ରେ ରହୁଥିବା ଅନ୍ତେବାସୀ ଛାତ୍ର ଛାତ୍ରୀ ମାନଙ୍କ ଅନ୍ତର୍ନିହିତ ପ୍ରତିଭା କୁ ପ୍ରସ୍ଫୁଟିତ କରିବା ଉଦେଶ୍ୟ ରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ. ଏହି ଅବସରରେ ସେମାନଙ୍କ ମଧ୍ୟରେ ମହକ ଅଧୀନ ରେ ଚିତ୍ରାଙ୍କନ, ବକ୍ତୃତା, ନାଚ୍, କୁଇଜ ଏବଂ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା. ଏଥିରେ କନିଷ୍ଠ ବର୍ଗ ରେ ୧୦ ବର୍ଷ ବୟସ ରୁ ୧୮ ବର୍ଷ ବୟସ ଏବଂ ବରିଷ୍ଠ ବର୍ଗ ରେ ୧୫ ବର୍ଷ ବୟସ ରୁ ୧୮ ବର୍ଷ ବୟସ ର ଶିଶୁ ମାନେ ଅଂଶ ଗ୍ରହଣ କରିଥିଲେ. ସେହିପରି ଉତ୍ସାହ ଅଧୀନ ରେ ୧୨ ବର୍ଷ ବୟସ ରୁ ୧୮ ବର୍ଷ ବୟସ ମଧ୍ୟ ଶିଶୁ ମାନଙ୍କ ମଧ୍ୟରେ ଦୌଡ଼, ଚେସ, କେରାମ, ହାଇଜମ୍ପ, ଲଙ୍ଗ ଜମ୍ପ ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଆଜିର କାର୍ଯ୍ୟକ୍ରମ ର ପ୍ରଥମ ଅଧିବେଶନ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସିଭଲ କୋ ?ଟ ରେଜିଷ୍ଟ୍ରର ଶ୍ରୀ ଆଶିଷ କୁମାର ପରିଛା, ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନ ର ସମ୍ପାଦକ ଶ୍ରୀ ବିଜୟ କୁମାର ଦାସ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନପୂର୍ଣ୍ଣା ସିଙ୍କୁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ଉଦେଶ୍ୟ ରେ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ ।ସେହିପରି କାର୍ଯ୍ୟକ୍ରମ ର ଦ୍ୱିତୀୟ ଅଧିବେଶନ ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶ୍ରୀ ଶୈଳତ ଚନ୍ଦ୍ରକାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଭିମନ୍ୟୁ ବେହେରା,ସ୍ୱତନ୍ତ୍ର ଅତିଥି ଭାବେ ଓରମାସ ର ଡେପୁଟି ସିଇଓ ଶ୍ରୀ ବିମାନ ମଲ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅବନୀ ମୋହନ ମହାନ୍ତି ଓ ଶିଶୁ ମଙ୍ଗଳ କେନ୍ଦ୍ର ର ଅଧ୍ୟକ୍ଷ ଶ୍ରୀ ଜଗଦୀଶ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଭବିଷ୍ୟତ ରେ ଆହୁରି ଉନ୍ନତି କରି ନିଜ ଭିତରେ ଥିବା ପ୍ରତିଭା କୁ ପୂର୍ଣ୍ଣ ବିକଶିତ କରିବା ପାଇଁ ଉତ୍ସାହ ପ୍ରଦାନ କରିଥିଲେ ଏବଂ ପ୍ରତିଯୋଗିତା ରେ ଅସଫଳ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ସଫଳତା ପାଇଁ ଧର୍ଯ୍ୟ ର ସହିତ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ. ପ୍ରକାଶ ଥାଉକି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ଶିଶୁ ମହତ୍ସବ ଉତ୍ସାହ ଓ ମହକ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ. ଆଜିର ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ ମାନେ ଅଂଶ ଗ୍ରହଣ କରିଥିଲେ.ପରିଶେଷରେ ଶିଶୁ ସୁରକ୍ଷା ୟୁନିଟ ର ଅନୁଷ୍ଠାନିକ ସେବା ଅଧିକାରୀ ଶ୍ରୀ ମଧୁସୂଦନ ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଗୋଲାମୁଣ୍ଡାରେ ମିଶନ ଶକ୍ତିର ମହିଳା ମାନଙ୍କୁ ସ୍କୁଟି ବଣ୍ଟନ



ଗୋଲାମୁଣ୍ଡା, (ପି.ଏନ୍) : ରାଜ୍ୟ ଶାସନ ଗାଦୀରେ ବସିଥିବା ନବୀନ ସରକାର ସର୍ବଦା ମହିଳା ମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଆସୁଛି । ମିଶନ ଶକ୍ତି ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବିଲମ୍ବୀ କରିବା ପାଇଁ ଏସ୍ଏଚ୍‌ଜି ଗ୍ରୁପ ମାନଙ୍କୁ ଅଳ୍ପ ସୁଧରେ ଋଣ ଯୋଗାଇଦେବା ସହ ରାଜ୍ୟରେ ବର୍ତ୍ତମାନ ଆରମ୍ଭ ହୋଇଛି ମିଶନ ଶକ୍ତି ସ୍କୁଟର୍ ଯୋଜନା । ଏହି ଯୋଜନା ଅଧୀନରେ ବିନା ସୁଧରେ ସ୍କୁଟର କିଣିବା ପାଇଁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛନ୍ତି ସରକାର । ଏହି ପରିପ୍ରେକ୍ଷୀରେ ଗତ ୧୧ ଅକ୍ଟୋବର ଦିନ ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ରେ ସମୁଦାୟ ୧୨ ଜଣ ଗ୍ରୁପ ସଦସ୍ୟାଙ୍କୁ ସ୍କୁଟର୍ ବଣ୍ଟନ କରାଯାଇଥିବାର ସୂଚନା ଦେଇଛନ୍ତି ବିପିଏମ୍ ସୁଧାଂଶୁ ବିଶ୍ୱାଳ । ସ୍କୁଟର୍ ପାଇଥିବା ୧୨ ଜଣଙ୍କ ମଧ୍ୟରେ ୭ ଜଣ ସିଆରପି ଓ ଏମବିକେ ଏବଂ ୫ ଜଣ ଇସି ଅନ୍ତର୍ଭୁକ୍ତ ଅଛନ୍ତି । ଆୟୋଜିତ ସ୍କୁଟର୍ ବଣ୍ଟନ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବିଡ଼ିଓ ଅକ୍ଷମିତା କାର୍ତ୍ତିକ, ଶାଖା ପରିଚାଳକ ବାଲ୍ମୀକି ପଣ୍ଡା, ସିଡ଼ିପିଓ ପ୍ରେମ ମଞ୍ଜରୀ ସାହୁ, ସୁପର୍ ଭାଇଜର୍ ଯଶୋବନ୍ତୀ ନାଏକ, ବିଏଲସି ଅଜୟ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ହେମାଙ୍ଗୀନି ରାଉତ, ବ୍ଲକ ଉପାଦ୍ଧକ୍ଷା ପଞ୍ଚମୀ ଦୀପ, ବିଧାୟକ ପ୍ରତିନିଧି ଇଂ ଦିନେଶ ରାଉତ, ବିଭିନ୍ନ ଏସଏଚ୍‌ଜି ଗ୍ରୁପର ସଦସ୍ୟା ତଥା ଗୋଲାମୁଣ୍ଡା ବିଜେଡି ସଭାପତି ଦୟସାଗର ଚଲାନ ପ୍ରମୁଖ ଉପସ୍ଥିତ ରହିଥିଲେ । ସ୍କୁଟର୍ ପାଇଥିବା ମିଶନ ଶକ୍ତିର ମହିଳା ମାନେ ନିଜ ଖୁସି ଜାହିର କରିବା ସହ ସମାଜରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ହୋଇ ସମ୍ମାନର ସହ ବଂଚିବା ପାଇଁ ସର୍ବଦା ଚେଷ୍ଟିତ ଥିବା ନବୀନ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପୁରୀ ଜିଲ୍ଲାସ୍ତରୀୟ ବାଳକ ବାଳିକା କବାଡି ପ୍ରତିଯୋଗିତା

କାକଟପୁର,(ପି.ଏନ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରୀ ଜିଲ୍ଲା ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା କବାଡି ପ୍ରତିଯୋଗିତା ୨୦୨୩-୨୪ ଉଦ୍ଘାଟିତ ହୋଇଯାଇଛି ।କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାର କାନ୍ତ ବେହେରା ଉଦ୍ଘାଟକ ଭାବେ ଯୋଗ ଦେଇ ପତାକା ଉତ୍ତୋଳନ ପୁର୍ବକ ଅଭିବାଦନ ଗ୍ରହଣ କରି କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରିବା ସହିତ ସମ୍ପ୍ରତି କ୍ରୀଡାର ବିକାଶ ଦିଗରେ ଓଡିଶାର କ୍ରୀଡାବିତ୍ ମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ ।ପୁରୀ ଜିଲ୍ଲାର ମୋଟ ୧୧ଟି ବ୍ଲକର ବରିଷ୍ଠ ବାଳକ ବିଭାଗରେ ୧୦୪ ଜଣ, ବାଳିକା ବିଭାଗରେ ୧୦୨ ଜଣ କ୍ରୀଡାବିତ୍ ଅଂଶ କରିଥିବା ବେଳେ କନିଷ୍ଠ ବିଭାଗରେ ବାଳକ ୧୦୧ ଜଣ ଓ ୧୦୦ ଜଣ ବାଳିକା କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ପୁରୀ ଜିଲ୍ଲା ର ଶିକ୍ଷାଧିକାରୀ ଡଃ ବିଶ୍ୱଜିତ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟରେ ପୁରୀ ଜିଲାପରିଷଦ ର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ,ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ ଓ ଚିତରଂଜନ ପରିଡା, ସମାଜସେବୀ ଜ୍ଞାନରଂଜନ ସାହୁ, ପୁରୀ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା,ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, କ୍ରୀଡା ସଂଗଠନ ସମ୍ପାଦକ ରାଜୀବ ରଂଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷକ ପ୍ରତାପ କୁମାର ରାଉତ ଅତିଥି ମାନଙ୍କର ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ ଓ ଜିଲ୍ଲାରୁ କୃତିତ୍ୱ ଅର୍ଜନ କରିଥିବା କ୍ରୀଡାବିତ୍ ମାନେ ଆସନ୍ତା ୧୬ ତାରିଖରୁ ଗଞ୍ଜାମଜିଲ୍ଲାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପୀତବାସ ଦୀକ୍ଷିତ,କ୍ରୀଡା ଶିକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ,ସୁଧାଂଶୁ ମୋହନ ବିଶ୍ୱାଳ,ମାନସ ରଂଜନ ବିଶ୍ୱାଳ , ରାଜକିଶୋର ନାୟକ, ପ୍ରଦୀପ କୁମାର କର , ଜ୍ଞାନରଂଜନ ମିଶ୍ର ,ଚିତରଂଜନ ମିଶ୍ର ପ୍ରମୁଖ ପରଚାଳନାକରିଥିଲେ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# ବୃନ୍ଦାବାହାଲରେ ପୋଲିସ ପ୍ରଶାସନ ତରଫରୁ ସାଇବର ସଚେତନତା ଶିବିର




ଗୋଲାମୁଣ୍ଡା,(ପି.ଏନ୍) : ଜନସାଧାରଣଙ୍କୁ ଅନଲାଇନ ଠକେଇ ବିଷୟରେ ସଚେତନ କରିବା ପାଇଁ ଓଡିଶା ପୋଲିସ ପ୍ରଶାସନ ତରଫରୁ ବର୍ତ୍ତମାନ ସାଇବର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗତ ୩୦ ସେପ୍ଟେମ୍ବର ଠାରୁ ଆସନ୍ତା ୧୫ ଅକ୍ଟୋବର ଯାଏଁ ରାଜ୍ୟରେ ସାଇବର ସଚେତନତା ରଥ ବିଭିନ୍ନ ଗାଁ ଗଣ୍ଡାକୁ ଯାଇ ସଚେତନତା ଶିବିର ଆୟୋଜନ କରୁଛି । ଏହି ପରିପ୍ରେକ୍ଷୀରେ ଆଜି ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରାମରେ ସାଇବର ସଚେତନତା ରଥରେ ଆସି ପହଞ୍ଚିଥିଲା । ଏହି ରଥକୁ ବୃନ୍ଦାବାହାଲ ଉଚ୍ଚ ନୋଡାଲ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଏସ.ଏଚ୍.ଜି ଗ୍ରୁପର ସଦସ୍ୟା ଓ ଜନସାଧାରଣଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯିବା ପରେ ହାଇସ୍କୁଲ ପଡିଆ ଠାରେ ଏକ ଶିବିରର ଆୟୋଜନ କରାଯାଇ ଲୋକଙ୍କୁ ଅନଲାଇନ୍ ଠକେଇ ବିଷୟରେ ସଚେତନ କରାଯାଇଥିଲା । ସର୍ବ ପ୍ରଥମେ ଗୋଲାମୁଣ୍ଡା ଆ.ଆଇ.ସି ଶ୍ୱେତପଦ୍ମା ସେଠ, ସାଇବର ସବ୍ ଇନିସ୍ ?କ୍ଟର ବୈଦ୍ୟନାଥ ନାୟକ, ଏସବିଆଇ ବ୍ୟାଙ୍କ ମ୍ୟାନେଜର ବାଲ୍ମୀକି ପଣ୍ଡା ଅତି ସୁନ୍ଦର ଭାବେ କିପରି ସାଇବର ଠକେଇରୁ ନିଜେ ସୁରକ୍ଷିତ ରହି ପାରିବା ସେନେଇ ସଚେତନ କରିଥିଲେ । ବୃନ୍ଦାବାହାଲ ଉଚ୍ଚ ନୋଡାଲ ବିଦ୍ୟାଳୟର ମୋନାଲିସା ରାଉତ, ଦୀପିକା ରାଉତ, ଶୃତି ଚ୍ଣ୍ଡୀ, ମାମା ରାଉତ, ରଶ୍ମିତା ରାଉତ, ମିନାକ୍ଷୀ ରାଉତ ପ୍ରମୁଖ ଛାତ୍ରୀମାନଙ୍କ ଦ୍ୱାରା ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ହେମାଙ୍ଗୀନି ରାଉତ, ସ୍ଥାନୀୟ ସରପଞ୍ଚ ଦିନେଶ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସାନ୍ତ୍ୱନା ସିପକା, ସିଡିପିଓ ପ୍ରେମମଞ୍ଜରୀ ସାହୁ ପ୍ରମୁଖ ମଞ୍ଚାସିନ ହେବା ସହ ନିଜର ମନ୍ତବ୍ୟ ରଖିଥିଲେ । ଗୋଲାମୁଣ୍ଡା ଥାନାର ପୋଲିସ କର୍ମଚାରୀ ଓ ନୋଡାଲ ସ୍କୁଲର ଶିକ୍ଷକ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସାଇବର୍ କ୍ରାଇମ୍ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଜେନାପୁର,(ପି.ଏନ୍) ଆଜିର ବିଜ୍ଞାନ କୌଶଳ ଯେତେ ଅଗ୍ରଗତି ହେଉଛି ସେହି ଅନୁସାରେ ଦେଶର ପ୍ରଗତି କ୍ଷେତ୍ରରେ ଆଗକୁ ଆଗ ଯାଉଛି । ସେହିପରି ଟିକେ ଅସାବଧାନତା ଯୋଗୁଁ ଇଣ୍ଟରନେଟ୍ ଫ୍ଲଡ୍, ସାଇବର କ୍ରାଇମ୍,ଚୋରି,ଲୁଣ୍ଠନ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଉଛି । ଏହାକୁ ସଚେତନ କରିବା ପାଇଁ ଚ୍ତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭଳି ସବୁବେଳେ ପ୍ରଚ୍ାର ପ୍ରସାର କରିବାରେ ଏକ ମହତ୍ତ୍ୱ କାର୍ଯ୍ୟ ନିଭାଇ ଆସିଛି । ସେହିପରି ଏହାର ପ୍ରଚ୍ାର ପ୍ରସାର ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ୍,ଥାନା ଓ ବିଭିନ୍ନ ସରକାରୀ ଘର କାନ୍ଥ ମାନଙ୍କରେ ପୋଷ୍ଟ ମାରି ସଚେତନ କରିଆସୁଛନ୍ତି । ଏହି ସଚେତନ କାର୍ଯ୍ୟକୁ ରାଜ୍ୟର କ୍ରାଇମ୍ ବ୍ରାଞ୍ଚ୍ ତରଫରୁ ପ୍ରତ୍ୟେକ ଜିଲ୍ଲା ଅନୁକୋଣେ ସଫଳତାର ସହିତ ସାଇବର ରଥ ସାଇବର୍ କ୍ରାଇମ୍ ସଚେତନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚ୍ାର ପ୍ରସାର ମୁଖ୍ୟ ଭୂମିକା ଗ୍ରହଣ କରିଛି । ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର +୨ ମହାବିଦ୍ୟାଳୟ ପରିସରରେ ସାଇବର କ୍ରାଇମ୍ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ଜେନାପୁର ଥାନା ପକ୍ଷରୁ ଏହି ସାଇବର ସଚେତନତା ରଥକୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ, ଏସାଇ ସୌମ୍ୟରଞ୍ଜନ ବଳ, ପ୍ରଦୀପ ସାହୁ ସମେତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସମାଜସେବୀ ଅନୁଷ୍ଠାନ ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ରହି ସଚେତନ ହେବା ସହ ସହଯୋଗ କରିଥିଲେ ।

# ଶିଳ୍ପୀଗୁରୁ ସ୍ୱର୍ଗତ ଡଃ ଜଗନ୍ନାଥ ମହାପାତ୍ରଙ୍କ ୧୦୪ତମ ଜୟନ୍ତୀ ପାଳିତ



ପୁରୀ, (ପି.ଏନ):ଐତିହ୍ୟ ଗ୍ରାମ ରଘୁରାଜପୁରସ୍ଥିତ ଲଳିତ କଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀଗୁରୁ ସ୍ୱର୍ଗତ ଡଃ ଜଗନ୍ନାଥ ମହାପାତ୍ରଙ୍କ ୧୦୪ତମ ରାଜ୍ୟ ସ୍ତରୀୟ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି । ପ୍ରାତଃ କାଳରେ ପ୍ରଥମେ କୀର୍ତନରେ ନଗର ପରିକ୍ରମା କରାଯାଇଥିଲା । ଏହି ଉତ୍ସବରେ ଲଳିତକଳା ଏକାଡେମୀର ସଚିବ ପଂଚାନନ ସାମଲ, ସୁଦର୍ଶନ ସ୍ୱାଇଁ ଏବଂ ଭଗବାନ ସ୍ୱାଇଁ ପ୍ରମୁଖ ମୁଖ୍ୟ ଅତିଥିଭାବରେ ଯୋଗଦାନ କରି ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ ଡଃ ଜଗନ୍ନାଥ ମହାପାତ୍ରଙ୍କର ପଟ୍ଟଚିତ୍ର ଶିଳ୍ପକୁ ଅବଦାନ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ଡଃ ମହାପାତ୍ର ପଟ୍ଟଚିତ୍ର ଶିଳ୍ପର ଉଦ୍ୟକ୍ତା ଏବଂ ପ୍ରତିଷ୍ଠାତା ଥିଲେ ଏବଂ ଏହି ଶିଳ୍ପକଳାର ପ୍ରଚାର ଓ ପ୍ରସାରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ । ଡଃ ଜଗନ୍ନାଥ ମହାପାତ୍ର ତାଙ୍କ ଜୀବନକାଳ ମଧ୍ୟରେ ବହୁ ଶିଷ୍ୟ,ଶିଷ୍ୟାଙ୍କୁ ଶିଖରର ଉର୍ଦ୍ଧକୁ ନେଇଛନ୍ତି । ଯେଉଁମାନେ କି ଆଜି ଭରତବର୍ଷର କଳା କ୍ଷେତ୍ରରେ ଖୁବ୍ ପ୍ରତିଷ୍ଠା ଲାଭ କରିଛନ୍ତି । ସେ ମାଟିର ମଣିଷଭାବେ ଜନ୍ମ ହୋଇ ମଧ୍ୟ ନିଜ ସାଧନା ଏବଂ ପ୍ରଚେଷ୍ଟା ବଳରେ କଳାକ୍ଷେତ୍ରର ଶିଖରରେ ପହଞ୍ଚି ପାରିଥିଲେ । ଡଃ ଜଗନ୍ନାଥ ମହାପାତ୍ର ଏକାଧାରରେ ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀ, ଯାତ୍ରା ଓ ନାଟକର ଅଭିନେତା, ରାମଲିଳାର ସଫଳ ନିର୍ଦ୍ଦେଶକ,କବି, ପାରମ୍ପରିକ ନୃତ୍ୟ ଓ ଲୋକକଳାର ଗବେଷକ, ସମାଜ ସଂସ୍କାରକ ଏବଂ ଜନସେବକଭାବେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ । ସନ୍ଧ୍ୟା ସମୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାଳତୀପାଟପୁର ଗ୍ରାମ ପଂଚାୟତର ସରପଂଚ ମହେନ୍ଦ୍ର କୁମାର ମହାପାତ୍ର, ଶିଳ୍ପୀଗୁରୁ ବନମାଳୀ ମହାପାତ୍ର ଏବଂ ଦୀନବନ୍ଧୁ ମହାପାତ୍ର, ଗ୍ରାମ ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି, ସମ୍ପାଦକ ଅଭିରାମ ଦାସ ଏବଂ ପ୍ରାକ୍ତନ ସଭାପତି ସୁଦର୍ଶନ ସ୍ୱାଇଁ, ସମ୍ପାଦକ ଆକାଶ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ନିର୍ମଳ ଚନ୍ଦ୍ର ବାରିକ, କାହ୍ନୁ ଚରଣ ବେହେରା ଏବଂ ରବିନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିବାରେ ସମସ୍ତ ସହାୟତା କରିଥିଲେ ।

# ସେମିଳିଗୁଡ଼ା ମିଳିତ ଜନ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ



ସେମିଳିଗୁଡ଼ା,(ପି.ଏନ):କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ସଭାଗୃହ ଠାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ଉପସ୍ଥିତ ରହି ଦୁଇ ଘଣ୍ଟା ମଧ୍ୟରେ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ । ସେମିଳିଗୁଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାଭତଙ୍କ ପରିଚ୍ାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ ସମେତ, ପ୍ରକଳ୍ପ ନିର୍ଦ୍ଦେ ?ଶକ ଗୌରବ ଶିବାଜୀ ଇସଲଓ୍ୱାର୍, ନୂତନ ପବେଶନାଲ ଅଫିସର, ଆରକ୍ଷୀ ଆରକ୍ଷୀକ ଶ୍ରୀକାନ୍ତ ବେହେରା, ସେମିଳିଗୁଡ଼ା ତହସିଲଦାର ଜ୍ୟାତିରାଣୀ ରଥ, ସେମିଳିଗୁଡ଼ା ପୋରେଷ୍ଟ ରେଞ୍ଜର ତ୍ରିପତି ପଣ୍ଡା, ସେମିଳିଗୁଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶିବା ବାଙ୍ଗାରି, ସେମିଳିଗୁଡ଼ା ଜୋନ-୧ ଜିଲ୍ଲା ପରିଷଦ ଯୋଶୁଦା ଖିଲ, ଜିଲ୍ଲା ପରିଷଦ ଜୋନ-୨ ମୋହନ ଜାନି ଉପସ୍ଥିତ ଥିଲେ ।ଏଥିରେ ସମୁଦାୟ ୧୭ ଗୋଟି ପଞ୍ଚାୟତର ଅଭିଯୋଗ ଆସିଥିବା ବେଳେ ନିଜ ନିଜ ବ୍ୟକ୍ତିଗତ ଓ ବିଭିନ୍ନ ଅଭିଯୋଗ ରହିଥିଲା ।ଏହି କାର୍ଯ୍ୟକ୍ରମରେ ଶିକ୍ଷା, ପାନିୟ ଜଳ, ରାସ୍ତାଘାଟ, ଜମିପଟା ଜାଲିଆତି,ଭତ୍ତା, ଆବାସ ଯୋଜନା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା,ବାର୍ଦ୍ଧକ୍ୟ ଭତ୍ତା,ଲେଞ୍ଜିଗୁଡା ସରକାରୀ ସ୍କୁଲ,ଚ୍ାରଙ୍ଗୁଲ କମିନିଟି ହୋଲ, ମୁଖୀବିଡ଼ ?ଇ କମିନିଟି ହୋଲ, ସୁବାଇ ଠାରେ ଜିଓ ଟାୱାର ଉଦଘାଟନ, ମୋ ଘର ଯୋଜନା, କୋଲବର୍ଟ ନିର୍ମାଣ, ଉପରେ ଜଣ ଶୁଣାଣି ହୋଇଥିବା ବେଳେ ଶେଷ ଅଭିଯୋଗ ଶୁଣାଣୀରେ ଲୁଙ୍ଗୁରି ମଉଜା ଖାତା ନମ୍ବର ୨୭ (ଆର ଓ ଆର) ରେକର୍ଡ ଜମି ପଟା କୋଲମ ଟୁ ଚେଞ୍ଜ କରାଯାଇଥିବା ଝିଅ ମାନଙ୍କ ନାଁ ନଥିବା, ଓ ଲିଗାଲ ହାଇଆର କରି ପୁଅ ମାନଙ୍କ ନାଁ ରେ ଦର୍ଶାଇ ଜାଲି ଆତି ପଟା କରି ପୂର୍ବ ପୁରୁଷ ଜମି କୁ ଭାଇ ମାନେ ନିଜ ନାଁରେ ଜମିପଟା କରିଥିବା ତିନି ଭଉଣୀ ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି । ଏହି ଜମି ପଟା ରେ ତିନି ଭଉଣୀଙ୍କ ନାଁ ନଥିବା ରୁ ସେମାନଙ୍କ ନାମ ହେଉଛି, (୧)ସୁବର୍ଣ୍ଣ ମୁଠାଇ,ସ୍ୱର୍ଗତ ପିତା ଜୟ ଖରା,(୨) ପ୍ରଭାତୀ ମହାନନ୍ଦିଆ, ସ୍ୱର୍ଗତ ପିତା ଦାମ ଖରା,(୩) ଚ୍ମ୍ପା ଦୁରୀଆ,ସ୍ୱର୍ଗତ ପିତା ଦାମ ଖରା ଏହି ତିନି ଝିଅକୁ ଛାଡି କୋଲମ ପରିବର୍ତ୍ତନ କରି ଥିବା ନେଇ ପୁଅଙ୍କ ନାଁ ରେ ଦର୍ଶାଇ ନିଜ ଧର୍ମ କୁ (ଏସ୍ ସି) ଜାତିକୁ ଜେନେରାଲ ଜାତି କରି ଜାଲି ଆତି କରିଥିବା ନେଇ ନ୍ୟାୟ ପାଇବା ପାଇଁ ତିନି ଭଉଣୀ ଉପ ଜିଲ୍ଲାପାଳଙ୍କ ପାଖରେ ଉତ୍ତଧିକାରୀ ପାଇଁ ଦାବି ଉପସ୍ଥାପନା କରିଛନ୍ତି । ବହୁ ବାର ତହସିଲ କାର୍ଯ୍ୟଳୟରେ ଅଭିଯୋଗ ଦେଉଥିବା ସତ୍ୱେ ସୁଫଳ ମିଳି ନ ଥିବା ଉପ ଜିଲ୍ଲାପାଳଙ୍କ ପାଖରେ ଜନ ଶୁଣାଣୀରେ ଦାବି ପତ୍ର ଦେଇଥିଲେ ।ଏହି ଜନ ଶୁଣାଣୀ ଶିବିରରେ ବ୍ଲକ କାର୍ଯ୍ୟାଳୟର (ଜି ପି ଓ) କେ.କେଶବ ରାଓ ,୧୭ ଗୋଟି ପଞ୍ଚାୟତର ସମିତି ସଭ୍ୟ ସମେତ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କୁକୁଡ଼ାଖଣ୍ଡିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା






କୁକୁଡାଖଣ୍ଡି,ଇପିଲି ପୂର୍ଣ୍ଣଚ୍ନ୍ଦ୍ର ,(ପି.ଏନ): ବିଜେଡି ଦଳର ସୁପ୍ରିମୋ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିପ୍ଳବ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଦଳର ନେତା ଓ କର୍ମୀ ମାନଙ୍କ ନେତୃତ୍ୱରେ ଏହି ଜନ ସମ୍ପର୍କ ପଦଯାତ୍ରା କରାଯାଇଥିଲା । ଲୋକଙ୍କ ସହିତ କିଭଳି ସୁ-ସମ୍ପର୍କ ସ୍ଥାପନ କରିବା ଏବଂ ସାଧାରଣ ଜନତାଙ୍କ ସୁଖ ଦୁଃଖରେ ନିଜକୁ ସାମିଲ କରି ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବା ଏହାର ମୂଳ ଲକ୍ଷ ହୋଇଥିବା ବେଳେ ମଙ୍ଗଳବାର ଦିନ କୁକୁଡ଼ାଖଣ୍ଡି ବ୍ଲକ ଅଧିନସ୍ତ କୁକୁଡ଼ାଖଣ୍ଡି ପଞ୍ଚାୟତର କାଳୀ ମନ୍ଦିର ଠାରୁ ଆରମ୍ଭ ହୋଇ ସୋମପେଟା ସାହି ପର୍ଯ୍ୟନ୍ତ ଏହି ଜନ ସମ୍ପର୍କ ପଦଯାତ୍ରା କରାଯାଇଥିଲା ।ଏଥିରେ ବ୍ଲକ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା କର୍ମୀ ଯୋଗଦେଇ ବିଜୁବାବୁଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ସହ ବିଜୁ ବାବୁ ଅମର ରହେ ନାରା ଦେଇ ପଦ ଯାତ୍ରାରେ ବାହାରି ଗ୍ରାମର ପ୍ରତ୍ୟେକ ସାହି ଗଳିକନ୍ଦି ବୁଲି ବିଜେଡି ସରକାରଙ୍କ ଜନ କଲ୍ୟାଣ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ବ୍ଲକ ବିଜେଡି ସଭାପତି ସୀତାରାମ ସାହୁ, ବରିଷ୍ଠ ବିଜେଡି ନେତା ଉଦୟ କୁମାର ବେହେରା, ବ୍ଲକ ବିଜେଡି ଉପସଭାପତି କୈଳାଶ ବିଷୋୟୀ, ରବିନ୍ଦ୍ର ମହାରଣା, ବ୍ଲକ ବିଜେଡି ସମ୍ପାଦକ ସନାତନ ସଂଗ୍ରାମ ସିଂ, ପୂର୍ବତନ ବିଡିଏ ଅଧକ୍ଷ ତଥା ବରିଷ୍ଠ ବିଜେଡି ନେତା କୈଳାଶ ରଣା, ଯୁବ ନେତା ଭବାନୀ ଶଙ୍କର ବିଶ୍ୱାଳ, ଭିନ୍ନକ୍ଷମ ନେତା କେ. ମଣିବାବୁ, ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା, କୁକୁଡ଼ାଖଣ୍ଡି ସରପଞ୍ଚ ବନ୍ଦନା ସେଠି, ଲାଠି ସରପଞ୍ଚ ରାଧାମୋହନ ସେଠି, ଜଗଦଳପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ଜଗଦଳପୁର ସମିତି ସଭ୍ୟ ବି.ରବୀନ୍ଦ୍ର ପାତ୍ର, ସାଂସଦ ପ୍ରତିନିଧି ନିରଞ୍ଜନ ମହାନ୍ତି, ଯୁବ ନେତା ସୁରେଶ ସେଠି, ଆଙ୍କୁଶପୁର ସରପଞ୍ଚ ମୁରଲୀ ସେଠି, ଭିନ୍ନକ୍ଷମ ନେତା କେ.ମଣିବାବୁ, ପୂର୍ବତନ କୁକୁଡ଼ାଖଣ୍ଡି ସରପଞ୍ଚ ଅଦଲ ଚେନେୟା, ମସିହାଖାଲି ପୂର୍ବତନ ସରପଞ୍ଚ ପ୍ରିୟମ୍ବଦା ପାଢ଼ୀ, ପୂର୍ବତନ ସରପଞ୍ଚ ନରସିଂହ ସାହୁ, ଗୌରୀ ଶଙ୍କର ପାତ୍ର, ସୁକାନ୍ତ ସାସମଲ, ସଦାନନ୍ଦ ଗୌଡ଼, କେ.ବିଜୟ କୁମାର, ସୁଦର୍ଶନ ପାଢ଼ୀ, ପି.ବାସୁଦେବ, ଏ.ସହଦେବ ପାତ୍ର, ଏ.ବାଉରୀବନ୍ଧୁ ପାତ୍ର, ସୁଶାନ୍ତ ପାତ୍ର, ହଟିଆ ପଟ୍ଟନାୟକ, ଟ୍ୱିଙ୍କୁ ପଟ୍ଟନାୟକଙ୍କ ସମେତ କୁକୁଡ଼ାଖଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା, ଜିଲ୍ଲାପରିଷଦ ସଭ୍ୟା, ଛାତ୍ର ଜନତା ଦଳ, ମହିଳା ଜନତା ଦଳ, ଯୁବ ଜନତା ଦଳର କର୍ମୀ ମାନେ ଏହି ପଦଯାତ୍ରାରେ ସାମିଲ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray